# ଆହ୍ୱାନ

## ମାସିକ ଓଡିଆ ସାହିତ୍ୟିକ ଇ-ପତ୍ରିକା

ଡ ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ସଂପାଦକ

AAHWAAN
INFOTECH

ମାର୍ଚ୍ଚ-ଅପ୍ରେଲ୍, ୨୦୦୮ ସଂସ୍କରଣ

ସଂପୂର୍ଣ୍ଣ ପାରିବାରିକ, ଓଡିଆ ଇ-ପତ୍ରିକା

ତୃତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା

Vol: 3, Issue: 2

# ଆହ୍ୱାନ

Our New e-Mail ID:
aahwaan@aahwaan.com

## ଚଳିତ ସଂସ୍କରଣରେ ରହିଛି:

| | |
|---|---|
| ସଂପାଦକୀୟ | ୧ |
| ଅନ୍ତରାଷ୍ଟ୍ରୀୟ ମହିଳା ଦିବସ | ୩ |
| ବିବାହ ବନ୍ଧନ | ୪ |
| ଆମ ଗାଁ ହାଲଚାଲ | ୫ |
| ପରୋପକାର | ୯ |
| ସବୁବେଳେ ହରିଭକ୍ତି | ୧୨ |
| ରାମନାମ ସତ୍ୟ ହୈ | ୧୫ |
| ଛିନ୍ନ ସେତୁ | ୧୮ |
| ସଂପର୍କର ସେତୁ | ୧୯ |
| ନିରୋଳାରେ ଆସ | ୨୫ |
| ଆରାମ ଚୌକି | ୨୮ |
| ମଗା ଯଚା | ୩୦ |
| ନିଆଁ କାଟେ ନିଆଁ | ୩୦ |
| ଯୌବନ କଣ | ୩୧ |
| ନବୋଦିତା | ୩୨ |
| ସୂଚନା | ୩୨ |

Aahwaan Web Design Studios. Make Your Web site with us, the way you want in the language you want, because we are the masters of web development. Mail us today.

## ସଂପାଦକୀୟ

ଆହ୍ୱାନର ଏକ ସଂପୂର୍ଣ୍ଣ ନୂତନ ବିଶେଷାଙ୍କ । ତୃତୀୟ ବର୍ଷରେ ଆହ୍ୱାନର ଏକ ନବକଳେବରକୁ ସ୍ୱାଗତ କରିବାକୁ ସମଗ୍ର ବିଶ୍ୱରେ ଥିବା ଅଗଣିତ ଓଡିଆ ଭାଷାଭାଷୀ ଜନତାଙ୍କୁ ଅଭିନନ୍ଦନ ଜଣାଇ ନିବେଦନ କରୁଛି ମାର୍ଚ୍ଚ ଓ ଅପ୍ରେଲ୍ ମାସର ସମ୍ମିଳିତ ସଂସ୍କରଣ । ମୋର ବ୍ୟକ୍ତିଗତ ଅସୁବିଧା ଥିବା ହେତୁ ମାର୍ଚ୍ଚ ମାସରେ ଆହ୍ୱାନ ପତ୍ରିକାକୁ ପ୍ରକାଶିତ କରି ପାରିନଥିଲି । ହେଲେ ଏହି ଦୁଇ ମାସରେ ଅନେକ କିଛି ବଦଳିଗଲା । ଓଡିଆ ଭାଷାର ପ୍ରଥମ ଏବଂ ଏକମାତ୍ର ଇ-ପତ୍ରିକା ହେବାର ଗୌରବ ବହନ କରି ଦୁଇଟି ବର୍ଷରୁ ଊର୍ଦ୍ଧ୍ୱ କାଳ ବଞ୍ଚିରହିବାରେ ସଫଳ ହୋଇ ଏକ ନୂତନ ଗୌରବର ଅଧିକାରୀ ହୋଇଛି ଆହ୍ୱାନ ।

ଅନେକ ସଂପାଦକ ମାନଙ୍କଠାରୁ ସାବାସି ପାଇଛି, ଖାସ ଏଇଥିପାଇଁ ଯେ ବିଗତ ଦୁଇବର୍ଷଧରି ନିରବଛିନ୍ନ ଭାବରେ ଆହ୍ୱାନ ପତ୍ରିକାକୁ ବିନା କୌଣସି ଆର୍ଥିକ ସହାୟତାରେ ପ୍ରକାଶିତ କରି ପାରିଛି ବୋଲି, ହେଲେ ସତ ଟା କିନ୍ତୁ ଅଲଗା । ଏହି ପତ୍ରିକା ପାଇଁ ନିଜ ଦରମାରୁ ଅନେକ ଅର୍ଥ ଖର୍ଚ୍ଚ ହୋଇଛି, ହେଲେ ମାତୃଭାଷା ପାଇଁ କିଛି କରିପାରିଛି, ବୋଲି ଏହି ଖର୍ଚ୍ଚକୁ କେବେ ଦେଖିନି । ଖାସ୍ ସେଇଥି ପାଇଁ ଆରମ୍ଭ କଲି ଆହ୍ୱାନ

ଆମର ନୂଆ ଠିକଣା
www.aahwaan.com

ମାର୍ଚ୍ଚ-ଅପ୍ରେଲ୍, ୨୦୦୮ ସଂସ୍କରଣ

ସଂପୂର୍ଣ୍ଣ ପାରିବାରିକ, ଓଡିଆ ଇ-ପତ୍ରିକା

ତୃତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା

Vol: 3, Issue: 2

# ଆହ୍ୱାନ

## ସୂଚନା ଦର୍ପଣ:

ଯଦି ଆପଣ ପ୍ରତ୍ୟେକ ମାସରେ ଆହ୍ୱାନ ପଢିବାକୁ ଚାହାନ୍ତି, ତେବେ ଆମ ୱେବ୍‌ସାଇଟ୍‌ରେ ଆସି ଆହ୍ୱାନ ସବ୍‌ସ୍କ୍ରିପ୍ସନ୍ ଫର୍ମ ପୁରଣ କରନ୍ତୁ, ଏବଂ ପ୍ରତ୍ୟେକ ମାସରେ ଆହ୍ୱାନ ପଢିବାର ସୁଯୋଗ ପାଆନ୍ତୁ ।

ଇନ୍‌ଫୋଟେକ୍ । ଏକ ସଂସ୍ଥା ଯାହା ଆନୁକୁଲ୍ୟରେ ଆହ୍ୱାନ ପତ୍ରିକା ସମେତ ୱେବ୍ ସାଇଟ୍ ନିର୍ମାଣ ପରି ବିଭିନ୍ନ କାର୍ଯ୍ୟକୁ ସଂଚାଳନ କରିବାର ଲକ୍ଷ୍ୟ ରଖିଛି । ବର୍ତ୍ତମାନ ଓଡିଶାରେ ଅନେକ ସଂସ୍ଥା ୱେବ୍‌ସାଇଟ୍ ନିର୍ମାଣ କରୁଛନ୍ତି, କିଛି ଲୋକ ବ୍ୟକ୍ତିଗତ ଭାବରେ ମଧ୍ୟ ୱେବ୍‌ସାଇଟ୍ ନିର୍ମାଣ କରୁଛନ୍ତି । ହେଲେ ଯେହେତୁ ଏହା ଏକ ଏପରି ବିଷୟ ଯେଉଁଥିରେ ଲୋକମାନଙ୍କର ଜ୍ଞାନ ସୀମିତ ଥାଏ, ଅନେକ ସମୟରେ ଅହେତୁକ ଖର୍ଚ୍ଚାନ୍ତ ହେବାକୁ ପଡିଥାଏ । ଆହ୍ୱାନ୍ ଇନ୍‌ଫୋଟେକ୍ ସହାୟତାରେ ବିନା ପରିଶ୍ରମରେ ଓ ଅଯଥା ଖର୍ଚ୍ଚାନ୍ତ ନ ହୋଇ ୱେବ୍‌ସାଇଟ୍ ନିର୍ମାଣ କରାଇପାରିବେ ।

ଆହ୍ୱାନ ପତ୍ରିକା ପରି ଆହୁରି ଏକ ନୂତନ ଆରମ୍ଭ ହୋଇଛି, 'ନବୋଦିତା' ଓଡିଶାର ପ୍ରତ୍ୟେକ ଝିଅ ଓ ସ୍ତ୍ରୀ ମାନଙ୍କ ପାଇଁ ସଂପୂର୍ଣ୍ଣ ନିଜସ୍ୱ ଇ-ପତ୍ରିକା । ଅବଶ୍ୟ ଏହା କେବଳ ଅନ୍‌ଲାଇନ୍ ପଢିହେବ, ମାତ୍ର ପ୍ରତ୍ୟେକ ସପ୍ତାହରେ ଏଥିରେ ନୂଆ ନୂଆ ବିଷୟ ସମେତ ପରିବାର, ଖାଦ୍ୟ, ଚଳଣୀ, ସ୍ୱାସ୍ଥ୍ୟ, ସୌନ୍ଦର୍ଯ୍ୟ, ବ୍ୟକ୍ତିଗତ ସମସ୍ୟା ଆଦି ବିଭାଗ ସବୁ ରହିଛି । ଯେଉଁଠାରେ ପାଠିକା ମାନେ ଅନେକ କିଛି ଶିଖିପାରିବେ, ଏବଂ ନିଜ ଜୀବନରେ ନୂତନତ୍ୱ ଆଣିପାରିବେ ।

ବିଗତ ଦୁଇ ସପ୍ତାହ ଓଡିଶା ରାଜନୀତି ହଠାତ୍ ସଜାଗ ହୋଇ ଉଠିଛି, ଜନୈକ ସମ୍ବାଦ ପତ୍ରରେ 'ନିରୋଳାରେ ଆସ' ଶୀର୍ଷକ ସମ୍ବାଦ ପ୍ରକାଶିତ ହେବାପରେ ପରେ ହଠାତ୍ ରାଜ୍ୟ ବିଧାନ ସୌଧର ଜନୈକା ମହିଳା କର୍ମଚାରୀ (ମାର୍ଶାଲ)ଙ୍କ ଅଭିଯୋଗ ଓଡିଶା ରାଜନୀତିର ଏକ ଅନନ୍ୟ କୁତ୍ସିତ ରୂପକୁ ବାହାରେ ପକାଇ ଦେଇଛି । ଓଡିଶାର ରାଜନୀତିରେ ଏପରି କୌଣସି ଘଟଣା କେବେ ବି ଘଟିନଥିଲା, ଏବଂ ଏହା ପୁନର୍ବାର ନ ହେଉ ଏହା କାମନା କରି ଆପଣ ମାନଙ୍କ ପାଇଁ ଉତ୍ସର୍ଗ କରୁଛି ଆହ୍ୱାନର ଏହି ନୂତନ ସଂସ୍କରଣ ।

Cell: 99385 17505/98619 62160

aahwaan
WebDesign
Studios

Complete Web Solution Provider

Web Design
Web Hosting
Web Development
Web Maintainance

Aahwaan Infotech

Aahwaan Web Design Studios. Make Your Web site with us, the way you want in the language you want, because we are the masters of web development. Mail us today.

ଆମର ନୂଆ ଠିକଣା

www.aahwaan.com

ମାର୍ଚ୍ଚ-ଅପ୍ରେଲ୍, ୨୦୦୮ ସଂସ୍କରଣ
ତୃତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା
Vol: 3, Issue: 2
ସଂପୂର୍ଣ୍ଣ ପାରିବାରିକ, ଓଡିଆ ଇ-ପତ୍ରିକା
ଆହ୍ୱାନ

ମହିଳା ମାନଙ୍କ ନିମନ୍ତେ ସଂପୂର୍ଣ୍ଣ ମହିଳା ପତ୍ରିକା 'ନବୋଦିତା' ବର୍ତ୍ତମାନ ପ୍ରତ୍ୟେକ ସପ୍ତାହରେ ନୂତନ ବିଷୟ ସହିତ, ପଢନ୍ତୁ ଆମ ୱେବ୍‌ସାଇଟ୍‌ରେ ।

# ଅନ୍ତରାଷ୍ଟ୍ରୀୟ ମହିଳା ଦିବସ

ଅନ୍ତରାଷ୍ଟ୍ରୀୟ ମହିଳା ଦିବସର ଚିନ୍ତନ ଆରମ୍ଭ ହୋଇଥିଲା ବିଂଶ ଶତାବ୍ଦୀର ପ୍ରାରମ୍ଭରେ । ଆଉ ଆଜି ଏହାର ତାତ୍ପର୍ଯ୍ୟ ବହୁଗୁଣରେ ବଢିଯାଇଛି । ବିଶ୍ୱର ଅନେକ ଦେଶରେ ଏହି ଦିନଟିକୁ ମହା ସମାରୋହରେ ପାଳନ କରାଯାଉଛି, ମହିଳାମାନଙ୍କର ଅବଦାନ ପାଇଁ, ସମାଜରେ, ବ୍ୟବସାୟରେ, ଶିକ୍ଷାରେ, ଅର୍ଥନୀତି ଓ ରାଜନୀତିରେ, ଏବଂ ବିଶେଷ ଭାବରେ ମହିଳା ମାନଙ୍କୁ ସଶକ୍ତିକରଣରେ । ସମଗ୍ର ବିଶ୍ୱରେ ମାର୍ଚ୍ଚ ମାସର ଆଠ ତାରିଖକୁ ଅନ୍ତରାଷ୍ଟ୍ରୀୟ ମହିଳା ଦିବସ ଭାବରେ ପାଳନ କରାଯାଉଛି ।

ବିଭିନ୍ନ ପ୍ରକାରର ଉତ୍ସବ ଦ୍ୱାରା ଏହି ଦିନକୁ ପାଳନ କରାଯାଉଛି । ମହିଳା ମାନଙ୍କୁ ସମାନ ଅଧିକାର ଦେବାପାଇଁ, ସେମାନଙ୍କୁ ଅଗ୍ରାଧିକାର ଦେବାପାଇଁ, ମହିଳା ମାନଙ୍କ କୃତିତ୍ୱକୁ ଦେଖାଇବା, ଆଦି ଅନେକ ବିଷୟକୁ ନେଇ ବିଭିନ୍ନ ସ୍ଥାନରେ ବ୍ୟକ୍ତିଗତ ସ୍ତରରେ, ତଥା ବିଭିନ୍ନ ଅନୁଷ୍ଠାନ ଓ ବ୍ୟବସାୟିକ ସଂଗଠନ ମାନଙ୍କ ଦ୍ୱାରା ଏହି ଦିବସ ପାଳନ କରାଯାଉଛି ।

କିଛି ଦିନତଳେ ଜଣେ କେହି ମୋତେ ପ୍ରଶ୍ନ କରିଥିଲେ, ' ଏହି ଅନ୍ତରାଷ୍ଟ୍ରୀୟ ମହିଳା ଦିବସ ପାଇଁ ଏତେ ଆୟୋଜନ କାହିଁକି? ଆପଣ କଣ କେବଳ ଗୋଟିଏ ଦିନର ଉତ୍ସବ ପାଳନରେ ସନ୍ତୁଷ୍ଟ? ବର୍ଷର ବାକି ଦିନରେ କଣ ନିଜର ମହତ୍ୱ ବଜାୟ ରଖି ନାହାନ୍ତି ।' ଏହି ପ୍ରଶ୍ନ ମୋ ମନକୁ ଆନ୍ଦୋଳିତ କଲା । 'ପ୍ରକୃତରେ କଣ ଆମକୁ କେହି ପ୍ରାଧାନ୍ୟତା ଦେଇ ନାହାନ୍ତି? ଏହା ଦ୍ୱାରା କଣ କେହି ମହିଳା ସତରେ ଲାଭବାନ ହୋଇ ପାରିବେ?' ଶେଷରେ କିନ୍ତୁ ମୁଁ ଏହି ମନ୍ତବ୍ୟରେ ପହଞ୍ଚିଲି, ସତରେ 'ହଁ' । ତା ହେଲେ ଅନ୍ତରାଷ୍ଟ୍ରୀୟ ମହିଳା ଦିବସ ଜଣେ ସାଧାରଣ ମହିଳା ପାଇଁ କଣ ମହତ୍ତ୍ୱ ରଖେ?

ସିଧାଭାବରେ କହିବାକୁ ଗଲେ, ଜଣେ ମହିଳା ଏହି ଦିବସ ଦ୍ୱାରା କିଛି ଅଧିକ କରିବାର ଆଶା ଜନ୍ମ କରିପାରେ । ଅନ୍ୟ ଜଣେ ସାଧାରଣ ମହିଳା ଯେପରି ଅସାଧାରଣ କାମ କରି ପାରୁଛନ୍ତି, ତାହା ଦେଖି ସେ ବି କିଛି କରିପାରିବ ବୋଲି ମନେ ମନେ ଚିନ୍ତା କରିପାରେ । ବିଶ୍ୱର ଅନ୍ୟ କୌଣସି ଏକ ରାଷ୍ଟ୍ରରେ ଏହି ଦିବସ ଦ୍ୱାରା କୌଣସି ମହିଳା ଶିକ୍ଷା, ସ୍ୱାସ୍ଥ୍ୟ, ଚାକିରୀ ଆଦି କ୍ଷେତ୍ରରେ ସମାନ ଅଧିକାର ପାଇବା ପାଇଁ ଚିନ୍ତା କରି ପାରେ ।

**Visit the Web Site of Nabodita http://nabodita.aahwaan.com/ for more information...**

**Nabodita: The only website in Orissa for girls and women, who need a friend for all the health, beauty, family, personal problems etc needs.**
**http://nabodita.aahwaan.com**

ଆମର ନୂଆ ଠିକଣା
www.aahwaan.com

ମାର୍ଚ୍ଚ-ଅପ୍ରେଲ୍, ୨୦୦୮ ସଂସ୍କରଣ
ତୃତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା
Vol: 3, Issue: 2
http://www.aahwaan.com/odia.zip
ସଂପୂର୍ଣ୍ଣ ପାରିବାରିକ, ଓଡିଆ ଇ-ପତ୍ରିକା
ଆହ୍ୱାନ

ଆପଣଙ୍କ ଦ୍ୱାରା ଲିଖିତ ନୂତନ ଗଳ୍ପ ଓ କବିତା ଆମ ପାଖକୁ ପଠାନ୍ତୁ, ଏବଂ ଆହ୍ୱାନ ପତ୍ରିକାରେ ତାହା ପ୍ରକାଶିତ କରନ୍ତୁ । ଓଡିଆରେ ଟାଇପ୍ କରିବା ପାଇଁ ଡାଉନ୍‌ଲୋଡ କରନ୍ତୁ ସଫ୍‌ଟୱେର୍ ।

# ବିବାହ ବନ୍ଧନ

ଡ ସହଦେବ ସ୍ୱାଇଁ

ବିବାହ ଏକ ବନ୍ଧନ,
ପ୍ରେମର ବନ୍ଧନ,
ସ୍ନେହର ବନ୍ଧନ,
ଶରୀର- ବନ୍ଧନ,
ଆତ୍ମାର ବନ୍ଧନ,
ଈର୍ଷ୍ୟାର ବନ୍ଧନ,
ନିୟମର ବନ୍ଧନ,
ପିତୃତ୍ୱ ଓ ମାତୃତ୍ୱର ବନ୍ଧନ ।

ହିଂସାର ବନ୍ଧନ,
ସନ୍ଦେହର ବନ୍ଧନ,
ବନ୍ଧନର ଦୁଇଟି କୂଳ,
ଏକ ନଦୀ ପରି,
କେତେବେଳେ ଜୁଆରତ,
ପୁଣି କେତେବେଳେ ଭଟ୍ଟା,
କେତେବେଳେ ବନ୍ୟା,
ଆଉ କେତେବେଳେ ଶୁଷ୍କ ।

ପ୍ରତ୍ୟେକ ବନ୍ଧନ ପରି
ବିବାହର ପବିତ୍ର ବନ୍ଧନ,
ଏକ ନିୟମର ବନ୍ଧନ,
ଏକ ବିଶ୍ୱାସର ବନ୍ଧନ,
ବିଶ୍ୱାସ ଭାଙ୍ଗିଗଲେ,
ସବୁକିଛି ଅର୍ଥହୀନ,
ସବୁକିଛି ଏକ ବୋଝ ଭଳି,
ମୁଣ୍ଡରେ ବୋହିବା ବି କଷ୍ଟ,
ତଳେ ରଖିବା ବି କଷ୍ଟ ।

ବିବାହ ଏକ ବୁଝାମଣା,
ବୁଝାମଣା ଭାଙ୍ଗିଗଲେ,
ଜୀବନର ସୌଧ,
ଉଜୁଡି ପଡେ,
ବିଶ୍ୱାସ ଚାପି ହୋଇଯାଏ,
ଅବିଶ୍ୱାସର ଚକ ତଳେ ।

ବିବାହ ହୁଏ ଅର୍ଥହୀନ,
ଦୀର୍ଘ ଶୁଷ୍କ ମରୁଭୂମି ପରି,
ଯାହାର ଅନ୍ତନାହିଁ,
ପୀଡାର ଅନ୍ତ ନାହିଁ ।

ବିବାହ ଏକ ଅଭିନୟ,
ଅଭିନୟର ସଫଳତା,

If you are willing to make a web site on your own district in Orissa, we have a great offer for you. We provide free space domain and technology for this
http://www.aahwaan.com

ଆମର ନୂଆ ଠିକଣା
www.aahwaan.com

ମାର୍ଚ୍ଚ-ଅପ୍ରେଲ୍, ୨୦୦୮ ସଂସ୍କରଣ
ତୃତୀୟ୍ ବର୍ଷ, ଦ୍ୱିତୀୟ୍ ସଂଖ୍ୟା
Vol: 3, Issue: 2
ସଂପୂର୍ଣ୍ଣ ପାରିବାରିକ, ଓଡିଆ ଇ-ପତ୍ରିକା
# ଆହ୍ୱାନ
ସଂପୂର୍ଣ୍ଣ ଉତ୍କଳୀୟତାର ଗନ୍ଧକୁ ବାରି ପାରିବେ ଆମ ପତ୍ରିକାରେ ପ୍ରତ୍ୟେକ ମାସରେ ପ୍ରକାଶିତ ଆମ ଗାଁର ହାଲଚାଲ ଦ୍ୱାରା । ଆସନ୍ତୁ ଅନୁଭବ କରନ୍ତୁ ନିଜ ଗାଁ ମାଟିର ସୁଗନ୍ଧ ।

ନିର୍ଭର କରେ,
ପ୍ରତ୍ୟେକ କଳାକାରଙ୍କର ଚେଷ୍ଟା
ନିଷ୍ଠା ଆଉ ସହଯୋଗ ସହ ।

ଜୀବନ ଯାତ୍ରାର ପରିବେଶରେ
ଭୁଲ୍ ହେବା ଅବଶ୍ୟମ୍ଭାବୀ
କିନ୍ତୁ ଭୁଲ୍‌କୁ ବୁଝିବା
ଏବଂ ସୁଧାରିବାରେ ହିଁ
ବିବାହ ଯାତ୍ରା ନିର୍ଭର କରେ ।

'ଦଣ୍ଡିବା ଶକ୍ତି ଯାର ଥାଇ
ସେ ଯେବେ କ୍ଷମା ଆଚରଇ'
ଭୁଲ୍‌କୁ ଭୁଲିଯାଅ,
କ୍ଷମା ଆଉ ପ୍ରେମର ଶକ୍ତିକୁ
ଅନୁଭବ କର,
ତେବେ ତୁମେ ବନ୍ଧନରୁ ମୁକ୍ତ ହେବ
ପ୍ରେମର ପରମାନନ୍ଦର ପ୍ରବାହରେ
ବିବାହର ଯାତ୍ରା ହେବ ଆନନ୍ଦର ସ୍ରୋତ ।

## ଆମ ଗାଁ ହାଲଚାଲ୍

ଡାକ୍ତର କହିଲେ ସେ ଆଉ ବଞ୍ଚିବନି । ବୟସ ଅଶି ଡେଇଁଲା ପରେ ଆଉ କେତେ ଦିନ ବା ସେ ବଞ୍ଚିଥାଆନ୍ତା । ପବନ ଉଠେଇ ଦେଉଚି ଯେ ସଞ୍ଜଟାରୁ ପୁଅ ବୋହୁ ନାତିନାତୁଣି ସବୁ ଜଗି ବସିଚନ୍ତି । କେତେବେଳେ ବୁଢାର ବାୟୁ ଉଡିଯିବ ଆଉ ସବୁ କାନ୍ଦିବେ । ସାନ ଝିଅଟା ଦୁଆର ପାଖରେ ବସି ସକେଇ ହେଉ ହେଉ, ଘର ଭିତରକୁ ଚାହିଁ କହିଲା, 'କାଶିଆ କିରେ, ଦେଖେ ବା, ଡିବିରି ଟା ଲଗେଇ ଭଲ ଭାବରେ ଦେଖେ, ଗଲାଣି ନା!!!'

ଘର ଭିତରୁ ଜଣେ କିଏ କହିଲା, 'ରହୁନୁ କାଣେ ବା, ଏତେ ପାଟି କରୁଚୁ । ଯିବ ଯିବ ବୋଲି ଦିପହରରୁ ବସିଚୁ ଯେ ସଞ୍ଜ ହେଇ ରାତି ହେବାକୁ ଆସିଲାଣି । ବଡ ଶକ୍ତ ପ୍ରାଣ ଏକା । ଯିବ ଯିବ ହେଉଚି, ମାତ୍ର ଯାଉନି ।'

ରଘୁ ପୁରୋହିତେ କାନରେ ପଇତା ଗୁଡେଇ ପୋଖରୀ ଆଡକୁ ଯାଉ ଯାଉ କହିଲେ, 'କିରେ, ବୁଢା ଆହୁରି ଯାଇନି? ଦିଅ ଦିଅ ତୁଣ୍ଡରେ ଗଙ୍ଗାଜଳ ଟୋପାଟେ ଦିଅ, ଚାଲିଯିବ ।' ବଡଝିଅ ଏକଣାଘରୁ ପିତଳ ଡାଳରେ ରଖା ହେଇଥିବା ଗଙ୍ଗା ପାଣି ଆଣିଲା । ବଡ ପୁଅ ଦି ଟୋପା, ସାନ ଦି ଟୋପା, କରି ସମସ୍ତେ ବୁଢାକୁ ଜଳଦାନ କଲେ । କିଛି କଥା କହୁନଥିବା ବୁଢା

Make your web site with us today, Visit our web studio for details, http://tech.aahwaan.com Promote Aahwaan Web Studio get Cash

Aahwaan Web Design Studios. Make Your Web site with us, the way you want in the language you want, because we are the masters of web development. Mail us today.

ଆମର ନୂଆ ଠିକଣା
www.aahwaan.com

ମାର୍ଚ-ଅପ୍ରେଲ୍, ୨୦୦୮ ସଂସ୍କରଣ
ସଂପୂର୍ଣ୍ଣ ପାରିବାରିକ, ଓଡିଆ ଇ-ପତ୍ରିକା
ତୃତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା
Vol: 3, Issue: 2

# ଆହ୍ୱାନ

ସଂପୂର୍ଣ୍ଣ ଉତ୍କଳୀୟତାର ଗନ୍ଧକୁ ବାରି ପାରିବେ ଆମ ପତ୍ରିକାରେ ପ୍ରତ୍ୟେକ ମାସରେ ପ୍ରକାଶିତ ଆମ ଗାଁର ହାଲ୍‌ଚାଲ ଦ୍ୱାରା । ଆସନ୍ତୁ ଅନୁଭବ କରନ୍ତୁ ନିଜ ଗାଁ ମାଟିର ସୁଗନ୍ଧ ।

ହଠାତ୍ ଉଠିପଡି ଅଃ ଅଃ କରି ପାଣି ସବୁ ପାଟିରୁ ବାହାର କରି ପକାଇଲା । ଆଉ ଖଟକୁ ଆଉଜି ଶୋଇପଡିଲା । ସବୁ ଆଶ୍ଚର୍ଯ୍ୟ ହୋଇ ଦେଖୁଥିଲେ ଆଉ ବାତାବରଣ ଶାନ୍ତ ହୋଇଗଲା । କାଶିଆ କହିଲା, 'ବୋଉଲୋ, ଅଜା ଗଲା ।' କିଏ କେମିତି ନିଜ ନିଜ ଦୁଃଖ ଦେଖାଇବାକୁ ଚେଷ୍ଟା ଆରମ୍ଭ କରୁଥିଲେ, ଦୁଆର ପାଖରୁ ଦଉଡି ଆସି ସାନ ଝିଅ ବାପା ଛାତିରେ ମୁଣ୍ଡ ଦେଇ ଚିତ୍କାର କରି ଯେମିତି ରଡିଟେ ଦେଇଛି, ବୁଢା ପୁଣି ଥରେ ଉଠି ପଡିଲା । ରାତି ସାରା ଖାଲି ଏଇ ନାଟ ତମସା ଚାଲୁଥିଲା । ସକାଳୁ ସକାଳୁ ସବୁ ଯେ ଯା କାମରେ ଚାଲିଗଲେ । ବୁଢା ପୁଣି ପୁର୍ବବତ୍ ଖଟରେ ପଡି ରହିଥିଲା । ନାତି ନାତୁଣି ସବୁ ଖେଳୁଥିଲେ । ପୁଏ କାମକୁ ଗଲେ । ଝିଅମାନେ ଯିଏ ଯା କାମରେ ଗଲେ । ବୁଢାକୁ ଶୋଷ ହେଉଚି ହେଉଚି କହିଲେ ବି କିଏ ଟୋପାଏ ପାଣି ଦେବାକୁ ଗଲେ ନାହିଁ । ପାଣି ପାଣି କହି କହି, ବୁଢାର ପ୍ରାଣବାୟୁ ଉଡିଗଲା । ଦିନ ଆସି ଦିପହର ହେଲା । ସୂର୍ଯ୍ୟ ଆକାଶରେ ମୁଣ୍ଡ ଉପରକୁ ହେଲାବେଳକୁ ସାନପୁଅ ହଳ ଧରି ଘରକୁ ଫେରି ଦେଖିଲା ବୁଢା ଶାନ୍ତ ହୋଇଯାଇଛି, ମନେ ମନେ ଭାବିଲା, ସାରା ରାତି ଶୋଇନି, ଭଲ ହେଲା ଶୋଇଥାଉ । ବଡ ପୁଅ ବି ଆସିଲା ଆଉ ଗଲା । କ୍ଷେତରୁ ଦି'ଟା ମାଛ ଆଣିଥିଲା, ତା'କୁ ଭାଜି ଦେବାପାଇଁ କହିଲା । ମାଛ ଭଜା ହେଇ ସବୁ ବସି ଖାଇଲା ବେଳକୁ କେହି ବି ବୁଢା କଥା ମନେ ପକାଇ ନାହାନ୍ତି । ତେଣେ ବୁଢା ରାତିରେ ମଲା ନାହିଁ ବୋଲି ଶୁଣି ଡାକ୍ତର ଆଜ୍ଞା ସ୍ୱାସ୍ଥ୍ୟ କେନ୍ଦ୍ର ବନ୍ଦ କରି ଦେଖିବାପାଇଁ ଆସିଲେ । ପୁଅଝିଅ ସବୁ ବସି ମାଛ ଭାତ ଖାଉଥାନ୍ତି, ଡାକ୍ତରଙ୍କୁ ଦେଖିବା ପାଇଁ କେହି ଉଠିଲେ ନାହିଁ ।

ବାରଣ୍ଡା ଘରୁ ଡାକ୍ତର ପାଟି କରି କହିଲେ ହଇରେ ସନିଆ, କୁଆଡେ ସବୁ ଗଲରେ, ତୋ ବୋପା ଆଉ ନାହିଁରେ । ଡାକ୍ତର କଥା ଶୁଣି ସବୁ ଖାଇବ ଛାଡି ଉଠିଲା ବେଳକୁ ନାତିନାତୁଣି ଉଠି ଯାଉଥିଲେ, ସାନ ଝିଅ କହିଲା, ତୁମେ ସବୁ ଅନ୍ୟ ଗୋତ୍ରର ହେଇଗଲଣି ଖାଇଲେ ଚଳିବ କହି, ସେମାନଙ୍କୁ ମାଛଭାତ ଖୁଆଇ ଦେଲା । ସଞ୍ଜ ହେଲାବେଳକୁ କୋକେଇ ଉଠିଲା । ମଶାଣୀରୁ ଫେରି ସବୁ ବସିଥିଲେ । ବଡ ବୋହୁ ସକସକ ହେଇ କାନ୍ଦୁଥିଲା, ପୁଅ କହିଲା, ଥାଉ ଆଉ କାନ୍ଦନି, ଜିଇଁ ଥାଉ ଥାଉ ତ ଦିନେ ତୁଣ୍ଡରେ ପାଣି ଟୋପେ ଦେଲନି, ମରିଗଲା ବେଳକୁ କାହିଁକି ଏ କୁମ୍ଭୀର କାନ୍ଦଣା ଲଗେଇଚ । ସାନବୋହୁ ବେଳହୁଁ ଚୁପ୍ ଥିଲା । ସକାଳ ପାଇଲେ ପିତା ଖାଇବାକୁ ପଡିବ, ଘିଅ ଦରକାର, କଣ ସବୁ କରିବା ବୋଲି କଥା ହେଉ ହେଉ ସାନ ପୁଅ କହିଲା, କିଛି ଲୋଡା ନାହିଁ ଚାଲ ଯିବ ପୁରୀରେ ସବୁ କାମ ସାରିଦେଇ ଫେରିଆସିବା । ବଡ ପୁଅ କହିଲା, 'ହଁ ଗାଁରେ ଏବେ କିଏ ଏତେ ପାଳୁଅ ଆଉ ଉଖୁଡା ଆୟୋଜନ କରିବ । ମୋ ଦେହ ବି ଭଲ ନାହିଁ, କେମିତ କେମିତି

**Nabodita: The only website in Orissa for girls and women, who need a friend for all the health, beauty, family, personal problems etc needs.**
**http://nabodita.aahwaan.com**

ଆମର ନୂଆ ଠିକଣା
www.aahwaan.com

ମାର୍ଚ୍ଚ-ଅପ୍ରେଲ୍, ୨୦୦୮ ସଂସ୍କରଣ

ତୃତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା

Vol: 3, Issue: 2

ସଂପୂର୍ଣ୍ଣ ପାରିବାରିକ, ଓଡିଆ ଇ-ପତ୍ରିକା

# ଆହ୍ୱାନ

ସଂପୂର୍ଣ୍ଣ ଉତ୍କଳୀୟତାର ଗନ୍ଧକୁ ବାରି ପାରିବେ ଆମ ପତ୍ରିକାରେ ପ୍ରତ୍ୟେକ ମାସରେ ପ୍ରକାଶିତ ଆମ ଗାଁର ହାଲ୍‌ଚାଲ ଦ୍ୱାରା । ଆସନ୍ତୁ ଅନୁଭବ କରନ୍ତୁ ନିଜ ଗାଁ ମାଟିର ସୁଗନ୍ଧ ।

ସବୁ କାମ ତୁଟେଇ ଦେଲେ ଚଳିବ । ବଡ ଝିଅ ପ୍ରତିବାଦ କରୁଥିଲା, ହେଲେ ଭାଇମାନଙ୍କ ଆଗରେ ତା'ର ବା କେତେ ବଳ । ଚୁପ୍ ହୋଇଗଲା । ସାନ ଝିଅ ଚୁପ୍‌ଚାପ୍ ବସି ଆଖି ତରାଟି ସମସ୍ତଙ୍କୁ ଚାହୁଁଥିଲା, ଦେଖୁ ଦେଖୁ ମୁଣ୍ଡକୁ ଝାଙ୍କିଲା ଭଳି ହଲାଇବାକୁ ଆରମ୍ଭ କରିଦେଲା । ପାଖରେ ବସିଥିଲା, ବଡ ବୋହୁ କହିଲା, 'ଇଁ ମାଁ, ୟାକୁ ଭୁତ ଆଇଲାଣି ନା କଣ?'

ଦେଖୁ ଦେଖୁ ପଧାନଘର ସାମନାରେ ଭିଡ ଲାଗିଗଲା । ଅଧା ଗାଁ ଏକାଠି ହେଲେ । ସାନ ଝୁଅକୁ ବୋପାର ଆତ୍ମା ଆଇଚି ବୋଲି କିଏ କିଏ କହୁଥିଲେ । ତେଣେ ସାନଝୁଅ ନିଦରେ ଥିଲା ଭଳି ନିଦ୍ରାବତୀ ଠାକୁରାଣୀ ଭଳିଆ ଦୋହଲି ଦୋହଲି ନୟାନ୍ତ ହେଲାଣି । ସବୁ ଖାଲି ଇୟେ ତା ମୁହଁ ସିୟେ ୟା ମୁହଁ ଦେଖା ଦେଖି ହେଉଥିଲେ ସିନା, ସାନ ଝିଅକୁ କେହି କିଛି ପଚାରୁ ନଥିଲେ । ଆଉ କେତେ ସମୟ ବା ଭୁତ ଥାଆନ୍ତା, ଫଁା କରି ତଳେ ପଡିଗଲା ଆଉ ଶଁ ଶଁ କରି ଶ୍ୱାସ ନେବାକୁ ଲାଗିଲା । ବାହାରେ ଠିଆ ହୋଇଥିଲା, ବନା ମହାନ୍ତି କହିଲା, 'ଗଲା, ଭୁତ ପଳେଇଲାରେ ପିଲା । ଚାଲ ଚାଲ ଘରକୁ ଚାଲ ।' ଯିଏ ଯେମିତି ଆସିଥିଲେ ସବୁ ଚାଲିଗଲା ପରା ସାନ ଝିଅ ପୁଣିଥରେ ଥରିବାକୁ ଆରମ୍ଭ କଲା । ଏଥର ବଡପୁଅ ଦୁଆର ପାଖରେ ସୋମା ଧୋବାକୁ ଧରି ଠିଆ ହୋଇଥିଲା । ସୋମାଧୋବା ସାନ ଝିଅର ଏତାଦୃଶ କାର୍ଯ୍ୟକଳାପ ଦେଖି ସନ୍ଦେହରେ ପଡିଗଲା, କ'ଣ ଇୟେ ସତରେ ଭୁତ ଆଇଚି ନା ଆଉ କିଛି । ସାନ ଝିଅ ପାଖରେ ବସି ପ୍ରଶ୍ନ ଉତ୍ତର କଲା ।

ଗାଁ ଲୋକ ଦେଖୁଚନ୍ତି, ପଧାନଘରେ ଭୁତ ଭେଳିକି ଚାଲିଛି । କରଣେ କହିଲେ, ଦିଅ ଦିଅ ବୁଢା ଯାହା ମାଗୁଛି ଦିଅ, ଜିଁ ଥିଲା ଯାକ ତ ଦି ଓଳି ମୁଠେ ମୁଠେ ଭାଟ ଦେଲନି ଏବେ ଦିଅ, ନହେଲେ ସବୁବେଳକୁ କଥା ରହିଯିବ । ସାନ ଝୁଅ କହୁଥିଲା, ମୋତେ ପଣା ଦିଅ, ମତେ ଝିଲାପି ଦିଅ । ମୋତେ ଏଟା ଦିଅ ମୋତେ ସେଟା ଦିଅ । ସବୁ ଦିଆଗଲା । ଆଶ୍ଚର୍ଯ୍ୟ କଥା ସୋମାଧୋବା ଆଁ କରି ବସିଚି, ସାନ ଝିଅ ସବୁ ଖାଇ ଚାଲିଲା । ଏହି ସମୟରେ ସାନ ଝିଅ କହିଲା ମୋତେ ଶାବଳା ଶୁଖୁଆ ଦିଅ । ଆଇଁଷ କଥା ଶୁଣି ସୋମାଧୋବା ସାନଝିଅର ଚୁଟି ଟାଣି କହିଲା, ତୁ ଏବେ ଯା । ପିଲାମାନେ ଡରିବେ । ସାନଝିଅ ହି ହି ହେଇ ହସିଲା, ପୁଣି ଜିଭ ବାହାର କରି ଖତେଇ ହେଲା । ଏତେବେଳ ଯାଏଁ ଚୁପ୍ ବସିଥିବା ସୋମାଧୋବା ସାନଝିଅ ଗାଲରେ ଗୋଟିଏ ବ୍ରହ୍ମ ଚାପୁଡା ଯେମିତି ଦେଇଚି, ସବୁ ନିଶା ଛାଡିଗଲା ପରି ସାନଝିଅ ଶାନ୍ତ ହୋଇଗଲା ।

ବଡ ପୁଅ କହିଲା, 'ନନା, ଆଉ କିସ ଦେବି?' ସେଇଠୁ ଓକିଲ ମାନଙ୍କ ଭଳିଆ ଜମିରୁ ଅଧା ସାନ ନାତିକୁ ଦେବୁ ବାଡିରୁ ଅଧା ସାନ ପୁଅ ନେବ ଅଧା ବଡ ପୁଅ ନେବ, ଏମିତି ଲମ୍ବା ଲିଷ୍ଟ କହି ଦେଇଗଲା । ଆଉ କହିଲା, ସାତ ଦିନରୁ ମୋତେ

If you are willing to make a web site on your own district in Orissa, we have a great offer for you. We provide free space domain and technology for this
http://www.aahwaan.com

ଆମର ନୂଆ ଠିକଣା
www.aahwaan.com

ମାର୍ଚ-ଅପ୍ରେଲ୍, ୨୦୦୮ ସଂସ୍କରଣ
ତୃତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା
Vol: 3, Issue: 2
ସଂପୂର୍ଣ୍ଣ ପାରିବାରିକ, ଓଡିଆ ଇ-ପତ୍ରିକା
ଆହ୍ୱାନ
ସଂପୂର୍ଣ୍ଣ ଉତ୍କଳୀୟତାର ଗନ୍ଧକୁ ବାରି ପାରିବେ ଆମ ପତ୍ରିକାରେ ପ୍ରତ୍ୟେକ ମାସରେ ପ୍ରକାଶିତ ଆମ ଗାଁର ହାଲ୍‌ଚାଲ ଦ୍ୱାରା । ଆସନ୍ତୁ ଅନୁଭବ କରନ୍ତୁ ନିଜ ଗାଁ ମାଟିର ସୁଗନ୍ଧ ।

ପଣା ଦେବୁ, ଗାଁ ଦାଣ୍ଡରେ ବସେଇ ସମସ୍ତଙ୍କୁ ଉଖୁଡା ଆଉ ପାଳୁଆ ସାଙ୍ଗରେ ଲଡୁ କାକରା ଦେବୁ । ବଡ ପୁଅର ମୁଣ୍ଡରୁ ଝାଳ ଦି ଧାର ବୋହିଗଲା । ଏମିତି କହୁ କହୁ ଚେତା ହରେଇ ସାନ ଝିଅ ଗଡି ପଡିଲା । ସାରା ଗାଁ ଆଗରେ ବୋପା କହିଥିବା ସବୁ କଥା ରଖିବାକୁ ବାଧ୍ୟ ହେଲେ ଦି ପୁଅ । ସବୁ ଗାଁ ଲୋକ ଚାଲିଯାଇଥିଲେ, ସାନ ଝିଅର ଚେତା ଫେରି ସାରିଥିଲା, ତା'କୁ ଦି ଭାଇ ମିଶି ଗାଳି ଦେଉଥିଲେ, ସିନା କାନ ମୁଣ୍ଡ ଆଉଁସି ଚିନ୍ତା କଲେ କ'ଣ କରିବା ।

ସାତ ଦିନ ପରଠାରୁ ଗାଁ ଦାଣ୍ଡରେ ପଣାଦିଆ ଚାଲିଲା । ବାର ଦିନ ହେଉ ହେଉ ଦି ପୁଅ ଖର୍ଚ୍ଚ କରି କରି ଥକି ପଡିଲେ । ଝିଅମାନେ ପଣାପାଇଁ ଯାହା ଦେଲେ ତାହା ଅଣ୍ଟିଲା ନାହିଁ, ତେଣୁ ପୁଅ ମାନେ ପଇସା ଦେଇ ଭଲ କରି ସବୁ ଜିନିଷ କଲେ । ଦଶାକର୍ମ ସବୁ ସରିଲା ବେଳକୁ ବଡପୁଅ ଶୁଖି କଳା ପଡିଗଲା । ଯାହା ଧାନ ଲାଗିଥିଲା କ୍ଷେତରେ ସବୁ ନଷ୍ଟଅ ହୋଇଗଲା । ସେ ଯା'ହେଉ ଏତେ ଦିନରୁ କଷ୍ଟ ପାଉଥିଲା ବୁଢାଟା ଶାନ୍ତିରେ ଚାଲିଗଲା । ବଡ ପାରିବାର ଥିଲା ସେ । ଏକା ଏକା ଦି ଦିଟା ବଳଦକୁ ଧରି ପାଞ୍ଚ ଭରଣ ଜମି ଦିନଟାରେ ହଳ କରିଦେଉଥିଲା । କୌଣସି ଜିନିଷକୁ ଚିନ୍ତା ନାହିଁ କି ମନା ନାହିଁ । ସକାଳ ପାଇଲେ କାମ ଯେ ଶୋଇଲା ପର୍ଯ୍ୟନ୍ତ ଖାଲି କାମରେ ବ୍ୟସ୍ତ ରହୁଥିଲା । ରୟତ ହେଇ ଦି ଚାରି ଭରଣ ଜମିରେ ଚାଷ କରୁଥିଲା, ତା ବୋପା, ହେଲେ ବୁଢା ନିଜ ବଳରେ ସାତ ଆଠ ଏକର ଜମି କିଣି ସାରିଥିଲା ।

ବୁଢା ଯିବାର ତେର ଦିନ ଝିଅମାନେ ବି ନିଜ ନିଜ ଘରକୁ ଯିବାକୁ ବାହାରିଲେ । ସାନ ଝିଅ କହିଲା, ବାପା ମଲାବେଳକୁ କହିଥିଲା, ମୋତେ ଏକରଟେ ଜମି ଦେବାକୁ, ଦିଅ । ସାନ ପୁଅ ଚିହିଁକି ଉଠିଲା, କହିଲା ଏକରଟେ ଜମି? କେତେବେଳେ କହିଥିଲା? ବଡ ଝିଅ କହିଲା, ମୋତେ ବି ଏକରଟେ ଜମି ଦରକାର । ଏକ ରକମର ଝଗଡା ଆରମ୍ଭ ହୋଇଗଲା । ଦେଖୁ ଦେଖୁ କଥାଟା ଖରାପ ଆଡକୁ ଗତି କଲା । ଦି ଭାଇ ଜମି ଦେବାକୁ ମନା କରିଦେଲେ । କହିଲେ ତୁମେ ସବୁ ବାହା ହେଇ ଅନ୍ୟ ଗୋତ୍ରର ହେଲଣି ଆହୁରି ବାପାର ସଂପତ୍ତି ଉପରେ ଆଖି ରଖିଚ? ଛି!!!

ସାନ ଝିଅ ଛାଡିବା ଲୋକ ନାହିଁ । ଗାଁ କରଣେଙ୍କୁ ଡାକି ସମାଧାନ କରିବା କଥା କହିଲା । ବଡ ଝିଅର ବି ଏକା ଜିଦ୍ । ପୁଏ ଚିନ୍ତାରେ ପଡିଗଲେ । ଗଲା ବରଷ ମହାରଣା ବୁଢା ମଲାବେଳକୁ ସେଇ କରଣେ ତା ଦି ଝିଅକୁ ସଂପତ୍ତିରୁ ଭାଗ ଦେବାପାଇଁ କହିଥିଲେ । ପୁଏ ରାଜି ହେଲେନି । କହିଲେ କିଏ ସେ କରଣ । ସେ କଣ ଆମ ପେଟ ପୋଷିବ ନା ଆମ ଦୁଃଖ ଦେଖିବ । ଘର ଭିତରର ଚପା ଗୁଞ୍ଜରଣ ଧିରେ ଧିରେ ମହା ସଂଗ୍ରାମ ଆଡକୁ ଗତି କଲା । ଘର ଭିତରର କଳି କଜିଆ ବାହାରକୁ

Aahwaan Web Design Studios. Make Your Web site with us, the way you want in the language you want, because we are the masters of web devel-opment. Mail us today.

ଆମର ନୂଆ ଠିକଣା
www.aahwaan.com

ମାର୍ଚ୍ଚ-ଅପ୍ରେଲ୍, ୨୦୦୮ ସଂସ୍କରଣ
ସଂପୂର୍ଣ୍ଣ ପାରିବାରିକ, ଓଡିଆ ଇ-ପତ୍ରିକା
ତୃତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା
Vol: 3, Issue: 2
ଆହ୍ୱାନ
ସଂପୂର୍ଣ୍ଣ ଉତ୍କଳୀୟତାର ଗନ୍ଧକୁ ବାରି ପାରିବେ ଆମ ପତ୍ରିକାରେ ପ୍ରତ୍ୟେକ ମାସରେ ପ୍ରକାଶିତ ଆମ ଗାଁର ହାଲ୍‌ଚାଲ ଦ୍ୱାରା । ଆସନ୍ତୁ ଅନୁଭବ କରନ୍ତୁ ନିଜ ଗାଁ ମାଟିର ସୁଗନ୍ଧ ।

ଶୁଣାଗଲା । କାର୍ଜି କରଣ କାନରେ କଥା ପଡିଲେ ମଧ୍ୟ ପଧାନ ଘର ସାନ ପୁଅର ଗୁଣ୍ଡାମି କୁ ଡରି କେହି ବି ଆଗକୁ ଆସିଲେ ନାହିଁ । ଅଗତ୍ୟା ଶୁକୁରୁ ସାହୁକୁ ମଧ୍ୟସ୍ଥି କରି ପଠାଗଲା । ସେ ଯାଇ କଥା ବୁଝୁ ବୁଝୁ ପ୍ରସ୍ତାବ ଦେଲା, ଏବେ ଆଉ ଆମ ହାତରେ କିଛି ନାହିଁ, ଚାଲ ସମସ୍ତେ ଯିବା ଠାକୁରାଣୀ ମୂଳରେ ବସି ସମାଧାନ ଖୋଜିବା । ଭଣ୍ଡାରୀକୁ ଡକାଇ ଗାଁରେ ବାଇଦ ବଜାଇ ଦିଆଗଲା । ଅଧା ଗାଁ ନଇକୁଳିଆ ଠାକୁରାଣୀ ମନ୍ଦିର ପାଖରେ ଜମା ହେଇଗଲେ । ଜାନିଆଣୀ ସିନ୍ଦୁର ଆଣି ଶିବ ଗଉଡ ମୁଣ୍ଡରେ ଦେଇ ଚାଲିଗଲା ।

ଦେଖୁ ଦେଖୁ ଶିବ ଗଉଡକୁ ଠାକୁର ଧରିଲେ । ମୁଣ୍ଡକୁ ହଲେଇ ହଲେଇ ଉଦଣ୍ଡ ନୃତ୍ୟ କଲା ସେ । ଏପାଖରୁ ସେ ପାଖ ଦଉଡି ଦଉଡି ନାଚି ନାଚି ସେ ହାତରେ ମୟୁର ପୁଞ୍ଛ୍ ଧରି କାହା ମୁଣ୍ଡରେ ପାହାରେ ଦେଲା ତ କାହା ପିଠିରେ ପାହାରେ ଦେଲା । ହରିବୋଲ ହୁଳହୁଳି ଶବ୍ଦରେ ଗଗନ ପବନ ପ୍ରକଂପିତ ହେଲା । ରଘୁ ପୁରୋହିତେ କହିଲେ, 'ମା, ଆମକୁ ବାଟ ଦେଖା ମା' । ଶିବ ଗଉଡ ରୂପୀ ଠାକୁରାଣୀ ଶାନ୍ତ ହୋଇଗଲେ । ସବୁ କଥା ଶୁଣି କହିଲେ ଝିଅ ମାନେ ଯାହା କହୁଛନ୍ତି ଠିକ୍ । ବୁଢା ମଲାବେଳକୁ କହୁଥିଲା ଝିଅଙ୍କୁ ଜମି ଭାଗ ଦିଆଯିବ ବୋଲି । ଏହା ଶୁଣି ଦି ଝିଅଙ୍କ ମୁହଁ ଉଜ୍ଜ୍ୱଳ ହୋଇଆସିଲା । ପୁଅ ମୁହଁ ମୋଡିଲେ । ହେଲେ ଶିବ ଗଉଡ କହିଲା, ବଡ ଝିଅକୁ ଦି ଭରଣ ଆଉ ସାନ ଝିଅକୁ ଦି ଭରଣ ଦିଆଯାଉ । ଏହା ଶୁଣି ଝିଅମାନେ ପ୍ରତିବାଦ କରିବାକୁ ଚାହୁଁଥିଲେ ହେଲେ ରଘୁ ପୁରୋହିତେ କହିଲେ, ଠାକୁରାଣୀ ଯାହା କହିଲେ ଠିକ୍ । କାନ ମୁଣ୍ଡ ଆଉଁସି ସେମାନେ ରାଜି ହୋଇଗଲେ, ଆଉ ପୁଅ ବି ସନ୍ତୁଷ୍ଟ ହୋଇଗଲେ ।

ସଞ୍ଜ ବେଳକୁ ଗାଁ ବସ୍‌ଷ୍ଟାଣ୍ଡ ପାଖରେ କାହ୍ନୁ ପାନ ଦୋକାନ ପିଣ୍ଡାରେ ବସିଥିବା ବେଳେ ଶିବ ଗଉଡ କରଣେଙ୍କୁ କହୁଥିଲା, 'ଆଜ୍ଞା ଭଲ ବାଟ ଟିଏ ଦେଖାଇଲେ । ସମସ୍ତେ ଖୁସ୍ ହୋଇଗଲେ ।' କାର୍ଜି କରଣ ହସୁଥିଲେ ।

# ପରୋପକାର

ନିର୍ମଳ ମିଶ୍ର

ସ୍ୱର୍ଗର ଦେବତା କେବଳ ପୂଜା ପାଆନ୍ତି ନାହିଁ ମାଟିର ମଣିଷ ମଧ୍ୟ ପୂଜା ପାଇଥାଏ । ମଣିଷ ଦେବତା ଭଳି ପୂଜା ପାଇବା ପାଇଁ ଯେଉଁ ସବୁ ଯୋଗ୍ୟତାର ଆବଶ୍ୟକତା ଶାସ୍ତ୍ର ପୁରାଣ ମାନଙ୍କରେ ସ୍ଥିର କରାଯାଇଛି, ସେମାନଙ୍କ ମଧ୍ୟରେ 'ପରୋପକାର' ପ୍ରଧାନ ଯୋଗ୍ୟତା ଭାବେ ସ୍ଥିରିକୃତ ହୋଇଛି । ଏଣୁ ମଧୁବାବୁ କହିଛନ୍ତି;

ପର ଉପକାର ଯେ କରେ ଧନ୍ୟ ତା'ର ଜୀବନ
ମରତେ ଦେବତା ସିନା ସେ ପୂଜ୍ୟ ତା'ର ଚରଣ ।

Nabodita: The only website in Orissa for girls and women, who need a friend for all the health, beauty, family, personal problems etc needs.
http://nabodita.aahwaan.com

ଆମର ନୂଆ ଠିକଣା
www.aahwaan.com

ମାର୍ଚ୍ଚ-ଅପ୍ରେଲ୍, ୨୦୦୮ ସଂସ୍କରଣ
ସଂପୂର୍ଣ୍ଣ ପାରିବାରିକ, ଓଡିଆ ଇ-ପତ୍ରିକା
ତୃତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା
Vol: 3, Issue: 2

# ଆହ୍ୱାନ

ଶ୍ରୀ ଯୁକ୍ତ ନିର୍ମଳ ମିଶ୍ର ଓଡିଶାର ଜଣେ ଲବ୍ଧପ୍ରତିଷ୍ଠିତ ଲେଖକ । ପ୍ରାୟତ: ଓଡିଆ ସାହିତ୍ୟରେ ଜଗନ୍ନାଥ ଚେତନା ସମ୍ବଳିତ ଲେଖା ଆଦି ଲେଖିବାରେ ସେ ସିଦ୍ଧହସ୍ତ । ତାଙ୍କର ଲେଖା ସବୁ ପଢ଼ନ୍ତୁ ଆହ୍ୱାନରେ

ପରୋପକାର ପରି ପ୍ରିୟ ତଥା ଶ୍ରେୟ ପନ୍ଥା ସଂପର୍କରେ ଏଥର ଆଲୋଚନା କରାଯାଉ । ନିଜର ସମୟ, ଶରୀର, ମନ, ଧନ ଏପରିକି ଜୀବନ ବିନିମୟରେ ଅନ୍ୟର ମଙ୍ଗଳ ବାହିତ ସାଧ୍ୟ କରିବା ପରୋପକାର ଭାବେ ପରିଗଣିତ ହୋଇଥାଏ । ପ୍ରଭେଦ ଦୃଷ୍ଟିରୁ ପରୋପକାରକୁ ତିନିଭାଗରେ ବିଭକ୍ତ କରାଯାଇପାରେ । କୌଣସି ସ୍ୱାର୍ଥ ଆଶା ନ ରଖି ବା ପ୍ରତି ଉପକାର ଚିନ୍ତା ପରିହାର କରି ଅନ୍ୟର ଉପକାର କରିବା ଉତ୍ତମ ଶ୍ରେଣୀର ପରୋପକାର ଅଟେ । ଯାହାଠାରୁ ଉପକାର ପାଉଥିବ, ତାହାର ଉପକାର କରିବା ମଧ୍ୟମ ଶ୍ରେଣୀର ଉପକାର ଓ ଉପକାର ଆଶା ରଖି କାହାର ଉପକାର କରିବା ଅଧମ ଶ୍ରେଣୀର ଉପକାର ଭାବେ ଗୃହୀତ ହୋଇଥାଏ । ନିଜର ଅପକାର କରିଥିବା ବା ଅପକାର କରିବା ପାଇଁ ଚିନ୍ତା କରୁଥିବା ବ୍ୟକ୍ତିର ଉପକାର ସର୍ବପ୍ରଥମେ କରିବା ଆବଶ୍ୟକ । ଏହା ବ୍ୟତୀତ ଗୁରୁଜନ, ପୁଜ୍ୟ, ଦୁ:ଖୀ ଓ ଉପାୟହୀନ ବ୍ୟକ୍ତି ବା ପ୍ରାଣୀର ଉପକାର ମହତ୍ କାର୍ଯ୍ୟ ଭାବେ ସ୍ୱୀକୃତ ହୋଇଥାଏ । ତୃଷାର୍ତ୍ତକୁ ଜଳ, କ୍ଷୁଧାର୍ତ୍ତକୁ ଖାଦ୍ୟ, ଉଲଗ୍ନକୁ ବସ୍ତ୍ର, ରୋଗୀକୁ ଔଷଧ, ଭୟାତୁରକୁ ଅଭୟ ପ୍ରଦାନ ଉପକାରର ଏକ ଏକ ଅଙ୍ଗ ଅଟେ । ବିଶ୍ୱସ୍ରଷ୍ଟା ବିଶ୍ୱର ମଙ୍ଗଳ ପାଇଁ ସୃଷ୍ଟିର କୋଣ ଅନୁକୋଣରେ ଅଜସ୍ର ଉପାଦାନ ଖଞ୍ଜି ଅଛନ୍ତି । ନଦୀର ଜଳ, ଗଛର ଫଳ, ଶରୀରର ବଳ, ସୂର୍ଯ୍ୟଙ୍କର ଦ୍ୟୁତି, ବାୟୁର ଗତି ଏପରିକି ଶାସ୍ତ୍ର ପୁରାଣର ଗୀତି ମଧ୍ୟ ପରୋପକାର ନିମିତ୍ତ ଉଦ୍ଦିଷ୍ଟ । ପରୋପକାରରେ ହିଁ ଏମାନଙ୍କର ସାର୍ଥକତା ପ୍ରମାଣିତ ହୋଇଥାଏ ।

ତିନି ପ୍ରକାର 'ଭାବ' ଦ୍ୱାରା ମଣିଷ ମନରେ ପରୋପକାର ପ୍ରବୃତ୍ତି ଜାଗ୍ରତ ହୋଇ କାର୍ଯ୍ୟରେ ପରିଣତ ହୋଇଥାଏ । ପ୍ରଥମତ: ଏକ ଈଶ୍ୱରଙ୍କର ସନ୍ତାନ ହେତୁ ସମସ୍ତେ ନିଜ ନିଜକୁ ନିଜର ଭାବିବା ଦ୍ୱାରା ପରୋପକାର କରିବାପାଇଁ ଆଗ୍ରହ ସୃଷ୍ଟି ହୁଏ । ମନରେ ଏହି ଭାବ ସୃଷ୍ଟିହେଲେ ନିଜ ଓ ପର ପ୍ରଭେଦ ଦୂରେଇ ଯାଏ ଏବଂ ମଣିଷ ଅନ୍ୟର ଉପକାର କରିବାକୁ ଆଉ ପରୋପକାର ଭାବେ ଚିନ୍ତା କରେ ନାହିଁ । ଦ୍ୱିତୀୟ ପ୍ରକାର ଭାବ ହେଉଛି ଆତ୍ମ ଚିନ୍ତନରେ ସମସ୍ତଙ୍କୁ ଏକ ଓ ଅଭିନ୍ନ ଭାବିବା । ଅର୍ଥାତ୍ ସମସ୍ତଙ୍କର ଆତ୍ମା ଏକ ଓ ଅଭିନ୍ନ- ଏହି ଭାବ ପୋଷଣ କରିବା । ସମସ୍ତ ପ୍ରାଣୀଙ୍କ ହୃଦୟରେ ଏକ ପରମାତ୍ମାଙ୍କର ଅବସ୍ଥାନ ଚିନ୍ତା କରିବା ତୃତୀୟ ପ୍ରକାର ଭାବ ଭାବେ ଗୃହୀତ ହୋଇପାରେ । ଏହି ତିନି ପ୍ରକାର 'ଭାବ' ମନରେ ଜାଗ୍ରତ ହେଲେ, ମନିଷ ଯାହା କିଛି କରେ, ତା'ଦ୍ୱାରା ଅନ୍ୟର କେବଳ ମଙ୍ଗଳ ବା ଉପକାର ହିଁ ସାଧିତ ହୋଇଥାଏ । ଏହିଭାବ ଦ୍ୱାରା ପରିଚାଳିତ ମଣିଷ ନିଜର ସୁଖକୁ ଅନ୍ୟର ସୁଖ ଓ ଅନ୍ୟର ଦୁ:ଖକୁ ନିଜର ଦୁ:ଖ ଭାବେ ଗ୍ରହଣ କରି ଅନ୍ୟର ମଙ୍ଗଳ ସାଧନରେ ବ୍ରତୀ ହୋଇଥାଏ ।

ଏହି ଅବସ୍ଥାକୁ ଲକ୍ଷ୍ୟକରି ବ୍ରହ୍ମବାଦୀ କବି ମଧୁସୁଦନ

If you are willing to make a web site on your own district in Orissa, we have a great offer for you. We provide free space domain and technology for this
http://www.aahwaan.com

ଆମର ନୂଆ ଠିକଣା
www.aahwaan.com

ମାର୍ଚ୍ଚ-ଅପ୍ରେଲ୍, ୨୦୦୮ ସଂସ୍କରଣ
ତୃତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା
Vol: 3, Issue: 2



ଶ୍ରୀ ଯୁକ୍ତ ନିର୍ମଳ ମିଶ୍ର ଓଡିଶାର ଜଣେ ଲବ୍ଧପ୍ରତିଷ୍ଠିତ ଲେଖକ । ପ୍ରାୟତ: ଓଡିଆ ସାହିତ୍ୟରେ ଜଗନ୍ନା
ଚେତନା ସମ୍ବଳିତ ଲେଖା ଆଦି ଲେଖିବାରେ ସେ ସିଦ୍ଧହସ୍ତ । ତାଙ୍କର ଲେଖା ସବୁ ପଢ଼ନ୍ତୁ ଆହ୍ୱାନରେ

କହିଛନ୍ତି;

ପରଦୁ:ଖରେ ହୁଅ ଦୁ:ଖୀ, ପରସୁଖରେ ହୁଅ ସୁଖୀ
ଧନ୍ୟ ସେ ଧନ୍ୟ ନରନାରୀ, ଜଗତ ଜନ ହିତକାରୀ ।

ପରୋପକାର ମାର୍ଗରେ ଅଗ୍ରଗାମୀ ହେବାବେଳେ କେତେକ ସତର୍କତା ଅବଲମ୍ବନ ଆବଶ୍ୟକତା ହୋଇଥାଏ । ନିଜର ଉପକାର ପାଇଁ ଘରର ଅନ୍ୟ ଲୋକମାନଙ୍କର ପରିବାରର ଉପକାର କଲାବେଳେ ଅନ୍ୟ ପରିବାରର, ଜାତିର ଉପକାର ପାଇଁ ଅନ୍ୟ ଜାତିର, ଧାର୍ମିକ ଉପକାର ନିମନ୍ତେ ଅନ୍ୟ ଧର୍ମର ଓ ଦେଶର ଉପକାର ପାଇଁ ଅନ୍ୟ ଦେଶର ଅପକାର କରାଯିବା ଉଚିତ ନୁହେଁ । ମୁଖ୍ୟତ: କାହାରି ଅପକାର ନ କରି ସମସ୍ତଙ୍କର ଉପକାର କରିବା ଶ୍ରେଷ୍ଠ ମାର୍ଗ ଅଟେ । ସେହିପରି ଅନ୍ୟର ଉପକାର କରି ନିରବ କରିବା ଓ ଉପକୃତ ହୋଇଥିଲେ ସମସ୍ତଙ୍କ ଆଗରେ ପ୍ରକାଶ କରିବା ହେଉଛି ସନ୍ଥ ମାନଙ୍କର ଆଚରଣ ।

ଏଣିକି ପରୋପକାରର ଗାରିମା ବା ମହିମା ସଂପର୍କରେ କିଛି କୁହାଯାଉ । ପରୋପକାର କରୁନଥିବା ମଣିଷକୁ ଶାସ୍ତ୍ରରେ ନିନ୍ଦା କରି କୁହାଯାଇଛି; 'ପରୋପକାର ଶୂନ୍ୟସ୍ୟ ଧିଙ୍ ମନୁଷ୍ୟଜୀବିତଂ' । ମନୁଷ୍ୟ ଶରୀର, ଧନ, ସଂପତ୍ତି ଇତ୍ୟାଦି ବସ୍ତୁକୁ 'ନିଜର' ଓ ନିଜପାଇଁ ମନେ ନ କରି ସେଗୁଡିକୁ ଅନ୍ୟମାନଙ୍କର ଉପକାରରେ ଲଗାଇଲେ ତାହାର ଆସକ୍ତି, ମମତା, କାମନା ଓ ସ୍ୱାର୍ଥାଭାବ ପରିତ୍ୟକ୍ତ ହୋଇଯାଇ ଈଶ୍ୱର ପ୍ରାପ୍ତି ସମ୍ଭବ ହୁଏ । ଏଣୁ ଗୀତାର କର୍ମଯୋଗରେ ପରୋପକାରର ପ୍ରାଧାନ୍ୟ ସ୍ୱୀକାର କରାଯାଇଛି । ଇନ୍ଦ୍ରିୟ ସମେତ ଯେଉଁମାନଙ୍କର ଶରୀର, ମନ ଓ ବୁଦ୍ଧି ବଶୀଭୁତ ଯେଉଁମାନେ ସମସ୍ତ ପ୍ରାଣୀଙ୍କର ଉପକାରରେ ରତ, ସେମାନେ ନିର୍ବାଣ ବ୍ରହ୍ମପ୍ରାପ୍ତ ହୁଅନ୍ତି । ଏହା ଜ୍ଞାନ ମାର୍ଗର କଥା । ଏଣୁ 'ଗୀତା'ର ଜ୍ଞାନ ଯୋଗରେ ମଧ୍ୟ ପରୋପକାରର ମହିମା ସ୍ୱୀକାର ହୋଇଛି । ପରୋପକାରର ଗୁରୁତ୍ୱ ଉପଲବ୍ଧି କରି ଗୋପବନ୍ଧୁ କହିଛନ୍ତି;

ସାର୍ଥକ ଜନମ ତା'ର ଏକା ସିନା ପରହିତେ ଯା'ର ପ୍ରାଣ

କବି ପଦ୍ମଚରଣ ପଟ୍ଟନାୟକଙ୍କ ମତରେ ପରୋପକାର ଭାବ ଦିବ୍ୟଭାବ ଅଟେ । ବିପଦ ସମୟରେ ଉପକାର କରୁନଥିବା ମଣିଷକୁ ପଲ୍ଲୀକବି ନନ୍ଦକିଶୋର ଧିକ୍କାର କରିଛନ୍ତି । 'ଭାଗବତ' ମତରେ;

'ତା ଜନ୍ମ ଧନ୍ୟ ଏ ସଂସାରେ । ଯେ ରହେ ପର ଉପକାରେ' ।

ବ୍ୟାସ କବି ଫକୀର ମୋହନଙ୍କ ମତରେ;

'ପର ଉପକାର ଯାହାର ଜୀବନ ।
ଜଗତ ମଧ୍ୟରେ ସେହି ଲୋକ ଧନ୍ୟ ।'

ପରୋପକାରର ଗୁରୁତ୍ୱ ଉପଲବ୍ଧି କରି ଦଧୀଚି ନିଜର ଅସ୍ଥି ଦାନ କରିଥିଲେ । ସନ୍ଥମାନଙ୍କର ଶରୀର ଚନ୍ଦନ ପ୍ରଲେପରେ ନୁହେଁ, ପରୋପକାର ଦ୍ୱାରା ସୁଶୋଭିତ ହୋଇଥାଏ, ବୋଲି ମତ ପ୍ରଦାନ କରି ଭର୍ତ୍ତୃହରି ଲେଖିଛନ୍ତି;

Aahwaan Web Design Studios. Make Your Web site with us, the way you want in the language you want, because we are the masters of web development. Mail us today.

ଆମର ନୂଆ ଠିକଣା
www.aahwaan.com

ମାର୍ଚ-ଅପ୍ରେଲ୍, ୨୦୦୮ ସଂସ୍କରଣ
ସଂପୂର୍ଣ୍ଣ ପାରିବାରିକ, ଓଡିଆ ଇ-ପତ୍ରିକା
ତୃତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା
Vol: 3, Issue: 2
ଆହ୍ୱାନ

ଶ୍ରୀ ଯୁକ୍ତ ନିର୍ମଳ ମିଶ୍ର ଓଡିଶାର ଜଣେ ଲବ୍ଧପ୍ରତିଷ୍ଠିତ ଲେଖକ। ପ୍ରାୟତଃ ଓଡିଆ ସାହିତ୍ୟରେ ଜଗନ୍ନାଥ ଚେତନା ସମ୍ବଳିତ ଲେଖା ଆଦି ଲେଖିବାରେ ସେ ସିଦ୍ଧହସ୍ତ। ତାଙ୍କର ଲେଖା ସବୁ ପଢ଼ନ୍ତୁ ଆହ୍ୱାନରେ

'ବିଭାତିକାୟଃ ଖଳୁ ସଜ୍ଜନାନାଂ। ପରୋପକାରେଣ ନ ଚନ୍ଦନେନ।'

ପରର ଉପକାର ନିମିତ୍ତ ସର୍ବସ୍ୱ ତ୍ୟାଗ କରୁଥିବା ବ୍ୟକ୍ତିକୁ 'ଭାଗବତ'ରେ 'ପୁଣ୍ୟଦେହି' ଆଖ୍ୟା ଦିଆଯାଇଛି। ଜଗତର ହିତ ପାଇଁ ବ୍ରହ୍ମା ବେଦ ସୃଷ୍ଟି କରିଛନ୍ତି। ରାକ୍ଷସ ମାନଙ୍କ କବଳରୁ ଜଗତକୁ ରକ୍ଷା କରିବା ପାଇଁ ବିଷ୍ଣୁ ରାମ, କ୍ଷତ୍ରିୟ ମାନଙ୍କୁ ସଂହାର କରି ଧରାବାସୀଙ୍କୁ ରକ୍ତପାତରୁ ରକ୍ଷା କରିବା ପାଇଁ ପର୍ଶୁରାମ, ଜଗତରେ ଉପକାର ନିମିତ୍ତ ଉଦ୍ଦିଷ୍ଟ, ବେଦ ଉଦ୍ଧାର ପାଇଁ ମୀନ, ଧରଣୀ ଧାରଣ ନିମିତ୍ତ କଚ୍ଛପ, ହିଂସା ଆଚରଣରୁ ଜଗତକୁ ରକ୍ଷା କରିବା ପାଇଁ ଏବଂ ଅହିଂସା ମନ୍ତ୍ରର ପ୍ରଚାର ପାଇଁ ବୁଦ୍ଧ, କଂସର ନିଧନ ପାଇଁ କୃଷ୍ଣ ଏବଂ କୃଷି ସଭ୍ୟତାର ବିକାଶ ପାଇଁ ହଳଧର ରୂପ ଧାରଣ କରିଥିଲେ। ବର୍ଣ୍ଣବୈଷମ୍ୟ ଦୂର କରି, କଣିକାଏ ମହାପ୍ରସାଦରେ ବନ୍ଧୁଭବର ପ୍ରଚାର ଓ ପ୍ରସାର ପାଇଁ ଜଗତର ନାଥ ଜଗନ୍ନାଥ ବର୍ତ୍ତମାନ ବଡ ଦେଉଳରେ ବିଜେ କରିଛନ୍ତି। ଜଗତର ଉପକାର ସାଧନ କରିବାକୁ ମହେଶ୍ୱର ବିଷପାନ କରିଥିଲେ। କବି ସମ୍ରାଟ କହିଲେ;

ପର ଉପକାର ଯଶ ଥୋଇଲେ
ଦେଖ ମହାଦେବ ବିଷ ପିଇଲେ।

ଚାଣକ୍ୟଙ୍କ ମତରେ ପରର ଉପକାର ଚିନ୍ତା କରୁଥିବା ବ୍ୟକ୍ତିର ଶରୀର ଶୋଭାଯୁକ୍ତ ହୁଏ ଏବଂ ଅପକାର ଚିନ୍ତାକରୁଥିବା ବ୍ୟକ୍ତିର ଦୁର୍ଗତି ଦେବତା ମାନେ ଚିନ୍ତା କରନ୍ତି। ପରୋପକାରୀଙ୍କୁ ଧନ୍ୟବାଦ ଦେଇ ଜଗଦଗୁରୁ ଶଙ୍କରାଚାର୍ଯ୍ୟ କହିଛନ୍ତି;

'ଧନ୍ୟ ଧନ୍ୟୋଽସ୍ତିକୋପସ୍ତୁ ପରୋପକାରୀ'

ଶାସ୍ତ୍ର ପୁରାଣରେ ବର୍ଣ୍ଣିତ ଓ ମହାପୁରୁଷମାନଙ୍କ ଦ୍ୱାରା କଥିତ ନୀତିବାଣୀ ପାଠ କଲେ, ହୃଦୟଙ୍ଗମ କଲେ, ମୁକ୍ତ କଣ୍ଠରେ ସ୍ୱୀକାର କରାଯାଏ ଯେ ପରୋପକାର ଠାରୁ ଉତ୍ତମ ପ୍ରବୃତ୍ତି ଓ ପନ୍ଥା ଆଉ କିଛି ନାହିଁ। ମଣିଷ ଜୀବନର ସାର୍ଥକତା ପାଇଁ, ସ୍ୱର୍ଗସୁଖ ଲାଭ କରିବାପାଇଁ ଯଥାର୍ଥରେ ଶାସ୍ତ୍ରରେ କୁହାଯାଇଛି;

'ପରୋପକାରାୟ ସ୍ୱର୍ଗାୟଃ'

ପୋଖରିଆ ସାହି, ପୁରୀ

# ସବୁବେଳେ ହରିଭକ୍ତି

ନିର୍ମଳ ମିଶ୍ର

ମଣିଷ ଜୀବନର ସଞ୍ଚାର ବିସ୍ତାର, ସଂପଦ, ବିପଦ, ପ୍ରଗତି, ପ୍ରୟାଣ ଓ ପ୍ରୟାଣ ପରେ ମଧ୍ୟ ହରିଭକ୍ତିର ଆବଶ୍ୟକତା ତଥା ଗୁରୁତ୍ୱ ଦର୍ଶାଇବା ଏହି ଆଲୋଚନାର ଉଦ୍ଦେଶ୍ୟ ଅଟେ।

ଯେହେତୁ ମାତୃଗର୍ଭରୁ ମନୁଷ୍ୟ ଜୀବନର ଆଦି ପର୍ବ ଆରମ୍ଭ ହୋଇଥାଏ। ସେହିଠାରୁ ହିଁ ହରିଭକ୍ତି ସଂପର୍କୀୟ ଆଲୋଚନା ଆରମ୍ଭ କରାଯାଉ। ମାତୃଗର୍ଭରେ ଥିବାବେଳେ ଜୀବ ଯନ୍ତ୍ରଣା ହରିବାପାଇଁ  ଜଗନ୍ନାଥ ଦାସଙ୍କ ଭାଷାରେ ଶ୍ରୀହରିଙ୍କୁ

Nabodita: The only website in Orissa for girls and women, who need a friend for all the health, beauty, family, personal problems etc needs.
http://nabodita.aahwaan.com

ଆମର ନୂଆ ଠିକଣା
www.aahwaan.com

ମାର୍ଚ୍ଚ-ଅପ୍ରେଲ୍, ୨୦୦୮ ସଂସ୍କରଣ

ସଂପୂର୍ଣ୍ଣ ପାରିବାରିକ, ଓଡିଆ ଇ-ପତ୍ରିକା

ତୃତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା

Vol: 3, Issue: 2

ଆହ୍ୱାନ

ଶ୍ରୀ ଯୁକ୍ତ ନିର୍ମଳ ମିଶ୍ର ଓଡିଶାର ଜଣେ ଲବ୍ଧପ୍ରତିଷ୍ଠିତ ଲେଖକ । ପ୍ରାୟତଃ ଓଡିଆ ସାହିତ୍ୟରେ ଜଗନ୍ନାଥ ଚେତନା ସମ୍ବଳିତ ଲେଖା ଆଦି ଲେଖିବାରେ ସେ ସିଦ୍ଧହସ୍ତ । ତାଙ୍କର ଲେଖା ସବୁ ପଢ଼ନ୍ତୁ ଆହ୍ୱାନରେ

ଜଣାଇଥାଏ;

ଭୋନାଥ ମୁଁ ଯେ ଗର୍ଭଗତେ
କଷ୍ଟ ମୁଁ ପାଉଅଛି ଯେତେ
ଏ ଦୁଃଖ ପୁନଶ୍ଚ ନୋହିବ
ଏମନ୍ତ ଆଜ୍ଞା ମୋତେହେବ ।

ପ୍ରହ୍ଲାଦ ମାତୃଗର୍ଭରେ ଥିବା ସମୟରେ ଦେବର୍ଷି ନାରଦ ପ୍ରହ୍ଲାଦଙ୍କ ମାତାଙ୍କୁ ହରିଭକ୍ତି ମହିମା କହୁଥିଲେ । ଏବଂ ଏହା ଶୁଣି ପ୍ରହ୍ଲାଦ ମାତୃଗର୍ଭରୁ ହିଁ ତାଙ୍କ ମନରେ ହରିଙ୍କ ପାଇଁ ଭକ୍ତିଭାବ ଜାଗ୍ରତ ହୋଇଥିଲା । ଜନ୍ମପରେ ବାଲ୍ୟାବସ୍ଥା ଆରମ୍ଭ ହୁଏ । ବାଲ୍ୟକାଳରୁ ଧର୍ମରୁପକ ଧନ ସଞ୍ଚୟ କରିବାପାଇଁ ଭକ୍ତକବି ମଧୁସୁଦନ ଉପଦେଶ ଦେଇଛନ୍ତି । ବାଳକ ଧ୍ରୁବ ମାତ୍ର ପାଞ୍ଚବର୍ଷ ବୟସରେ ଯମୁନାକୂଳସ୍ଥ ମଧୁବନରେ ତପସ୍ୟା କରି ନାରାୟଣଙ୍କ ଦର୍ଶନ ପାଇଥିଲେ ଏବଂ ଭକ୍ତି ପଥରେ ଆଦର୍ଶ ପଥିକ ସାଜି ଧ୍ରୁବଲୋକର ଅଧିକାରୀ ହୋଇଥିଲେ ।

ବିଷ୍ଣୁମାୟା ମାନବଙ୍କୁ ଯନ୍ତ୍ରଣା ପଥରେ ଅଗ୍ରଗାମୀ କରାଇଥାଏ । ଏହି ମାୟାରୁ ମୁକ୍ତି ପାଇବା ପାଇଁ ବାଲ୍ୟ, ପୌଗଣ୍ଡ ଓ କିଶୋର ଅବସ୍ଥାରୁ ଶ୍ରୀ ହରିଙ୍କୁ ଭକ୍ତି କରିବା ପାଇଁ 'ଭାଗବତ'ରେ ପରାମର୍ଶ ଦିଆଯାଇଛି । ବାଲ୍ୟ, ପୌଗଣ୍ଡ, କୈଶୋର ଅତିକ୍ରମ କରି ମଣିଷ ଯୌବନରେ ପଦାର୍ପଣ କରେ । ଯୌବନ ସମୟ ମଣିଷ ଜୀବନର ବସନ୍ତ ସମୟ । ଏହି ସମୟ ଜୀବନର ବିପଦ ସମୟ ମଧ୍ୟ । କାରଣ ଏହି ସମୟରେ କାମିନୀ କାଞ୍ଚନ ମାୟାରେ ମୋହିତ ହୋଇ ମଣିଷର ମନ କଳ୍ପନାରାଜ୍ୟରେ ବିଚରଣ କରୁଥାଏ । ଯୌବନର ପ୍ରତି ମୁହୂର୍ତ୍ତରେ ପ୍ରତି ପଦକ୍ଷେପରେ ଅନ୍ୟାୟ ଅନୀତିର ଶୀକାର ହେବାର ସମ୍ଭାବନା ରହିଥାଏ । 'କୃଷ୍ଣକର୍ଣ୍ଣାମୃତ'ର କବି ବିଲ୍ୱ ମଙ୍ଗଳ ଏହି ଯୌବନ ଅବସ୍ଥାରୁ ବାରାଙ୍ଗନା ଚିନ୍ତାମଣି ପ୍ରେମରେ ପଡି ପଥଭ୍ରଷ୍ଟ ହୋଇଥିଲେ । ଭକ୍ତ ବଳରାମ ଦାସଙ୍କର ଯୌବନ ମଧ୍ୟ ଏହି ଦୋଷରେ ଦୂଷିତ । ତେଣୁ ଜୀବନକୁ ମଧୁମୟ କରିବାପାଇଁ, ଅର୍ଥମୟ କରିବା ପାଇଁ ଯୌବନକାଳରେ ମଧୁସୁଦନଙ୍କର ଅମ୍ବରୀଷ ଓ ଭରତ ମହାରାଜ ଯୁବକ ଅବସ୍ଥାରେ ଶ୍ରୀହରି ଚିନ୍ତାରେ ମଗ୍ନ ହୋଇଥିଲେ । ରାଜପୁତ୍ର ଗୌତମ ଯୌବନ ଅବସ୍ଥାରେ ରାଜସୁଖ, ରମଣୀବିଳାସ ତ୍ୟାଗ କରି ସାଧନାର ପଥକୁ ବରିନେଇ 'ବୁଦ୍ଧ' ହୋଇପାରିଥିଲେ । ଯୌବନରେ ଜ୍ଞାନ ଓ ଭକ୍ତିକୁ ସାଧନା କରୁଥିବା ସାଧକ ମାନଙ୍କ ଉଦ୍ଦେଶ୍ୟରେ କୁହାଯାଇଛି, 'ଯୌବନେ ଯେ ଜ୍ଞାନେ ରତ ବୁଦ୍ଧେ ତାଙ୍କୁ ବୋଲନ୍ତି ସ୍ଥବିରେ' ।

ଯୌବନ ପରେ ଜୀବନରେ ଆସେ ଅପରାହ୍ନ । ଜୀବନର ଅପରାହ୍ନରେ ଭଗବାନଙ୍କୁ ଚିନ୍ତା କରିବାର ସଙ୍କେତ ଦେଇ ପଲ୍ଲୀକବି ନନ୍ଦ କିଶୋର ଲେଖିଛନ୍ତି,

ଆସ ଆସ ପାରା ଯୋଡିକ ମୋ ପିଣ୍ଡାରେ ବସ

If you are willing to make a web site on your own district in Orissa, we have a great offer for you. We provide free space domain and technology for this
http://www.aahwaan.com

ଆମର ନୂଆ ଠିକଣା
www.aahwaan.com

ମାର୍ଚ୍ଚ-ଅପ୍ରେଲ୍, ୨୦୦୮ ସଂସ୍କରଣ
ସଂପୂର୍ଣ୍ଣ ପାରିବାରିକ, ଓଡିଆ ଇ-ପତ୍ରିକା
ତୃତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା
Vol: 3, Issue: 2
ଆହ୍ୱାନ

ଶ୍ରୀ ଯୁକ୍ତ ନିର୍ମଳ ମିଶ୍ର ଓଡିଶାର ଜଣେ ଲବ୍ଧପ୍ରତିଷ୍ଠିତ ଲେଖକ । ପ୍ରାୟତ: ଓଡିଆ ସାହିତ୍ୟରେ ଜଗନ୍ନାଥ ଚେତନା ସମ୍ବଳିତ ଲେଖା ଆଦି ଲେଖିବାରେ ସେ ସିଦ୍ଧହସ୍ତ । ତାଙ୍କର ଲେଖା ସବୁ ପଢ଼ନ୍ତୁ ଆହ୍ୱାନରେ

ଖାଇବାକୁ ଦେବି ତୁମକୁ ନଡିଆର ରସ ।

ଏହି ଉକ୍ତି ମାଧ୍ୟମରେ ସହଜ ଭାବରେ ସରଳ ଭାଷାରେ ନନ୍ଦକିଶୋର ଭକ୍ତି ରସରେ ଜୀବ ପରମ ସ୍ୱରୂପ ପାରା ଦୁଇଟିକୁ ସନ୍ତୁଷ୍ଟ କରିବାପାଇଁ ନିମନ୍ତ୍ରଣ କରିଛନ୍ତି । ଅପରାହ୍ନ କ୍ରମେ ସଞ୍ଜରେ ପରିଣତ ହୁଏ । ମଣିଷର ମୃତ୍ୟୁ ସମୟ ପାଖେଇ ଆସେ । ପୂର୍ବରୁ ସମସ୍ତ ସୁଯୋଗ ହାତଛଡା କରି ଯେଉଁ ବ୍ୟକ୍ତି ଈଶ୍ୱର ଚିନ୍ତା କରି ନଥାଏ, ତାହା ପାଇଁ ଏହି ସମୟ ଈଶ୍ୱର ଚିନ୍ତା ପାଇଁ ଉପଯୁକ୍ତ ସମୟ । 'ଭାଗବତ'ରେ ଏଥିପାଇଁ ଉପଦେଶ ଦିଆଯାଇଛି;

ପ୍ରାଣ ପ୍ରୟାଣ ସମୟରେ । ଯେବେ ମାନବ କୃଷ୍ଣ ସ୍ମରେ ।
କ୍ଷଣକେ କର୍ମକୁ ଛେଦଇ । ବୈକୁଣ୍ଠ ପଦକୁ ଲଭଇ ।

ମହାପାପୀ ଅଜାମିଳ ମୃତ୍ୟୁ ସମୟରେ ନିଜ ପୁତ୍ରର ନାମ ନାରାୟଣ ସ୍ମରଣ କରି ମୁକ୍ତି ପାଇଥିଲେ ।

ଶାସ୍ତ୍ର ପୁରାଣର ମତ ଅନୁସାରେ, ମୃତ୍ୟୁ ପରେ ଜୀବ ସ୍ୱର୍ଗ ଯାତ୍ରା କରେ । ସ୍ୱର୍ଗରେ ମଧ୍ୟ ହରିଚିନ୍ତା ଜୀବକୁ ଉଦ୍ଧାର କରିଥାଏ । ଚିତ୍ରକେତୁ ସ୍ୱର୍ଗରେ ଭକ୍ତି ମାଧ୍ୟମରେ ଭଗବାନଙ୍କ ସାନିଧ୍ୟ ଲାଭ କରିଥିଲା । ପୁରାଣର ମତ ଅନୁଯାୟୀ ପାପପାଇଁ ଜୀବକୁ ନର୍କବାସୀ ହେବାକୁ ପଡେ । ନର୍କବାସୀ ମାନେ ହରିନାମ ସ୍ମରଣ କରି, କୀର୍ତ୍ତନ କରି ନର୍କ ଯନ୍ତ୍ରଣାରୁ ଉଦ୍ଧାର ପାଇବାର ଉପାୟ 'ନୃସିଂହ ପୁରାଣ'ରେ ପ୍ରଦର୍ଶିତ ହୋଇଛି ।

ଏହିଠାରେ ଉଲ୍ଲେଖଯୋଗ୍ୟଯେ ମୁକ୍ତି ପାଇବା ପରେ ମଧ୍ୟ ମୁନିଋଷିମାନେ ଶ୍ରୀ ହରିଚିନ୍ତାରୁ ନିଜକୁ ମୁକ୍ତ କରନ୍ତି ନାହିଁ । ଏଠାରେ ପ୍ରକାଶ ଯୋଗ୍ୟ ଯେ କୌଣସି କର୍ମ କଲାବେଳେ, ଭୋଜନ କଲାବେଳେ, ହୋମ କଲାବେଳେ, ଦାନ କଲାବେଳେ, ତପସ୍ୟା କଲାବେଳେ ଚିନ୍ତାମଣିଙ୍କ ଭକ୍ତିର ସହିତ ଚିନ୍ତାକଲେ କର୍ମ ଦୋଷରୁ ମୁକ୍ତି ମିଳିବା ମତ 'ଗୀତା'ରେ ପ୍ରଦତ୍ତ ହୋଇଛି । 'ଭାଗବତ' ମତରେ ସଂପଦ କାଳରେ ଶ୍ରୀ ହରି ଜଗନ୍ନାଥଙ୍କୁ ଚିନ୍ତାକଲେ ମଣିଷ ସଂପଦ ଦ୍ୱାରା ମୋହିତ ହୁଏ ନାହିଁ । ବିପଦ କାଳରେ କେବଳ ବିଭୁ କୃପାହିଁ ମଣିଷକୁ ବିପଦରୁ ରକ୍ଷା କରିଥାଏ । ପାହାଚରେ ଗୋଡ ଖସିବା ସମୟରେ, ରୋଗରେ ପୀଡିତ ଥିବା ସମୟରେ, ବିବଶ ଅବସ୍ଥାରେ, ଏପରିକି ଛିଙ୍କିବା ସମୟରେ 'ହରୟେ ନମ:' ଉଚ୍ଚାରଣ ପୂର୍ବକ ଉଦ୍ଧାର ହେବାପାଇଁ ପରମ ଶାସ୍ତ୍ର 'ଭାଗବତ'ରେ ପରାମର୍ଶ ଦିଆଯାଇଛି ।

ଶାସ୍ତ୍ର ପୁରାଣ ମାନଙ୍କରେ ବର୍ଣ୍ଣିତ ମତ ଅନୁଯାୟୀ କଳିଯୁଗ ପାପ, ଅନ୍ୟାୟ, ଅଧର୍ମ ଓ ଅସତ୍ୟର ଯୁଗ । ଏ ସବୁ ସତ୍ତ୍ୱେ କଳିଗଯୁଗର ଏକ ଭଲ ଲକ୍ଷଣ ହେଉଛି, ଏ ଯୁଗରେ ପୁଣ୍ୟପାଇଁ କୌଣସି ପ୍ରକାର କଷ୍ଟ ସ୍ୱୀକାର ନ କରି, ଧନ ଖର୍ଚ୍ଚ ନ କରି କେବଳ ଶ୍ରୀ ହରିଙ୍କ ନାମ ଚିନ୍ତନ ଓ କୀର୍ତ୍ତନ କଲେ ବୈକୁଣ୍ଠ ପ୍ରାପ୍ତି ସମ୍ଭବ ହୋଇଥାଏ । ଏଣୁ ବୟସ, ଅବସ୍ଥା, ସ୍ଥାନ, କାଳ ଓ ପାତ୍ରର ଭେଦାଭେଦ ବିଚାର ନକରି ସର୍ବଦା ହରିଭକ୍ତି

Aahwaan Web Design Studios. Make Your Web site with us, the way you want in the language you want, because we are the masters of web development. Mail us today.

ଆମର ନୂଆ ଠିକଣା
www.aahwaan.com

ମାର୍ଚ-ଅପ୍ରେଲ୍, ୨୦୦୮ ସଂସ୍କରଣ
ସଂପୂର୍ଣ୍ଣ ପାରିବାରିକ, ଓଡିଆ ଇ-ପତ୍ରିକା
ତୃତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା
Vol: 3, Issue: 2
ଆହ୍ୱାନ

ଶ୍ରୀ ଯୁକ୍ତ ନିର୍ମଳ ମିଶ୍ର ଓଡିଶାର ଜଣେ ଲବ୍ଧପ୍ରତିଷ୍ଠିତ ଲେଖକ । ପ୍ରାୟତ: ଓଡିଆ ସାହିତ୍ୟରେ ଜଗନ୍ନାଥ
ଚେତନା ସମ୍ବଳିତ ଲେଖା ଆଦି ଲେଖିବାରେ ସେ ସିଦ୍ଧହସ୍ତ । ତାଙ୍କର ଲେଖା ସବୁ ପଢ଼ନ୍ତୁ ଆହ୍ୱାନରେ

କରିବାପାଇଁ 'ପଦ୍ମପୁରାଣ'ରେ କୁହାଯାଇଛି;

ସ୍ମର୍ତ୍ତବ୍ୟ ସତତଂ ବିଷ୍ଣୁ ବିସ୍ମର୍ତ୍ତବ୍ୟୋନଜାନୁଚିତ୍
ସର୍ବେ ବିଧି ନିଷେଧା:ଅସ୍ୟୁରେତୟୋରେବକିଙ୍କରା: ।

ପୋଖରିଆ ସାହି, ପୁରୀ

# ରାମ ନାମ ସତ୍ୟ ହେ

ଶ୍ରୀ ନିର୍ମଳ ମିଶ୍ର

ସତ୍ୟସ୍ରଷ୍ଟା, ସତ୍ୟଦ୍ରଷ୍ଟା ଓ ସତ୍ୟ ବିଗ୍ରହ ପରମାତ୍ମା ଭଗବାନ ନିଜର ଧାମ, କାମ ଓ ନାମ ମାଧ୍ୟମରେ ସତ୍ୟର ବାର୍ତ୍ତା ପ୍ରଚାର କରିଥାଆନ୍ତି । ଆମ ମାନଙ୍କୁ ସତ୍ୟ ପଥର ଯାତ୍ରୀ ହେବାପାଇଁ ସଙ୍କେତ ପ୍ରଦାନ କରିଥାଆନ୍ତି । ଏଇ ପରିପ୍ରେକ୍ଷୀରେ 'ରାମ ନାମ ସତ୍ୟ ହେ' ପ୍ରସଙ୍ଗଟିକୁ ଏଥର ଆଲୋଚନା କରାଯାଉ ।

ରାମ ନାମର ସୃଷ୍ଟି ସଂପର୍କରେ ଚିନ୍ତାକଲା ବେଳେ ପଞ୍ଚସଖାଯୁଗର ଅନ୍ୟତମ ସାଧକ ଶିଶୁ ଅନନ୍ତ ଚେତାଇ ଦେଇ ଆମକୁ କହନ୍ତି;

ଓଁକାର ମଧ୍ୟରୁ ତ୍ରୟ ତତ୍ତ୍ୱ ଜନମିଲା
ହ୍ଲୀଂ ଶ୍ଲୀଂ କ୍ଲୀଂ ତ୍ରୟ ବୀଜ ବୋଲାଇଲା ଯେ;
ହ୍ଲୀଂ ହରେ ଶ୍ଲୀଂ ରାମ କ୍ଲୀଂ କୃଷ୍ଣ କହି
ଏହି ତ୍ରୟ ତତ୍ତ୍ୱନାମ ବିଶ୍ୱେ ପ୍ରବର୍ତ୍ତଇ ହେ ।

ରାମ ନାମ ରୂପକ ରସ ଶୂନ୍ୟରୁ ସୃଷ୍ଟି ହୋଇଥିବା ଦର୍ଶାଇ ଯଶୋବନ୍ତ ଦାସ କହିଲେ ' ସର୍ବମଧୁଙ୍କ ମଧୁ ସାର; ଯେ ରସ ଶୂନ୍ୟରୁ ବାହାର ।' ରାମନାମରେ ରାଧାକୃଷ୍ଣଙ୍କର ଯୁଗାନ୍ତର ଲୀଳା ଓ ଆମ ଶରୀରରେ ଥିବା ନାସିକାରେ ଏହି ନାମ ଲୀଳା ଚାଲିଥିବା ଦର୍ଶାଇ ଜଗନ୍ନାଥ ଦାସ କହିଲେ;

ରାଆ ଶବଦ ରାଧ କହି । ମଅ ଶବଦେ କୃଷ୍ଣ ହୋଇ ।
ନାସିକା ଏ ବେନି ପୁଡାରେ । ରାଧିକା କୃଷ୍ଣ ସଙ୍ଗତରେ ।
ଦ୍ୱାଦଶ ବୃନ୍ଦାବନ ଏହି । କେଳି କରନ୍ତି କୃଷ୍ଣ ରହି ।

ଏଥର ରାମ ନାମ କିପରି ସତ୍ୟ ସ୍ୱରୂପ, ତାହା ଆଲୋଚନା କରାଯାଉ । ବେଦ ବେଦାନ୍ତ, ଶାସ୍ତ୍ର ପୁରାଣ ପ୍ରଭୃତିରେ ବ୍ରହ୍ମର ସତ୍ୟତା ପ୍ରକାଶ ହୋଇଅଛି । ବ୍ରହ୍ମବାଦୀ ଶଙ୍କରାଚାର୍ଯ୍ୟ କହିଲେ-'ବ୍ରହ୍ମସତ୍ୟଜଗନ୍ମିଥେବ୍ୟ ରୂପୋ ବିନିଶ୍ଚୟ:' । ରାମ ହୃଦୟମ୍‌ରେ କୁହାଗଲା-

ରାମଂବିଦ୍ଧି ପରଂବ୍ରହ୍ମ ସଚ୍ଚିଦାନନ୍ଦମ୍ଦ୍ୱୟମ୍
ସର୍ବୋପାଧିବିନିର୍ମୁକ୍ତଂ ସତ୍ତାମାତ୍ରମ୍ଗୋଚରମ୍ ।

'ପଦ୍ମପୁରାଣ'ରେ ରାମଙ୍କୁ ପରଂବ୍ରହ୍ମଭାବେ ସ୍ୱୀକାର କରାଯାଇ କୁହାଗଲା-

ଏଷରାମ ପରଂବ୍ରହ୍ମ କାର୍ଯ୍ୟ କାରଣତ:ପରମ୍
ଚରାଚର ଜଗତ ସ୍ୱାମୀନମାନୁଷ ବପୁର୍ଦ୍ଧର: ।

ଶ୍ରୀରାମଙ୍କୁ ପରଂବ୍ରହ୍ମରୂପେ ପରିଚିତ କରାଇ ଆଦିକବି

**Nabodita: The only website in Orissa for girls and women, who need a friend for all the health, beauty, family, personal problems etc needs.**
http://nabodita.aahwaan.com

ଆମର ନୂଆ ଠିକଣା
www.aahwaan.com

ମାର୍ଚ-ଅପ୍ରେଲ୍, ୨୦୦୮ ସଂସ୍କରଣ
ସଂପୂର୍ଣ୍ଣ ପାରିବାରିକ, ଓଡିଆ ଇ-ପତ୍ରିକା
ତୃତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା
Vol: 3, Issue: 2

# ଆହ୍ୱାନ

ଶ୍ରୀ ଯୁକ୍ତ ନିର୍ମଳ ମିଶ୍ର ଓଡିଶାର ଜଣେ ଲବ୍ଧପ୍ରତିଷ୍ଠିତ ଲେଖକ । ପ୍ରାୟତଃ ଓଡିଆ ସାହିତ୍ୟରେ ଜଗନ୍ନାଥ ଚେତନା ସମ୍ବଳିତ ଲେଖା ଆଦି ଲେଖିବାରେ ସେ ସିଦ୍ଧହସ୍ତ । ତାଙ୍କର ଲେଖା ସବୁ ପଢ଼ନ୍ତୁ ଆହ୍ୱାନରେ

ବାଲ୍ମୀକି ଲେଖିଲେ-

ଅକ୍ଷରଂ ବ୍ରହ୍ମ ସତ୍ୟ ଚ ମଧ୍ୟେଚାନ୍ତେ ଚ ରାଘବ
ଲୋକାନାଂତ୍ୱପରୋଧର୍ମୋ ବିଶ୍ୱକ ସେନଶ୍ଚତୁର୍ଭୁଜଃ ।

ଭଗବାନ ବିଷ୍ଣୁ ଶ୍ରୀ ରାମ ରୂପରେ ଅବତୀର୍ଣ୍ଣ ହୋଇଥିଲେ ।'ବୈଦେହୀଶ ବିଳାସ' କାବ୍ୟରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଲେଖିଲେ- 'ବିପକ୍ଷ ପକ୍ଷ ନାହିଁ ମୋକ୍ଷ ଦାୟୀ । ବିଷ୍ଣୁ ଏ ସ୍ୱୟଂ ଅବତୀର୍ଣ୍ଣ ମହୀ ।' ରାମାୟଣରେ ରାମଙ୍କର ସତ୍ୟସ୍ୱରୂପ ବିଷ୍ଣୁରୂପ ଦର୍ଶାଇ ବାଲ୍ମୀକି କହିଲେ-

ଶାର୍ଙ୍ଗଧନ୍ୱା ହୃଷୀକେଶଃ ପୁରୁଷ ପୁରୁଷୋତ୍ତମ
ଅଜିତଃ ଖଡ୍ଗଧୃଗ୍ ବିଷ୍ଣୁ କୃଷ୍ଣଶ୍ଚୈବବୃହଦ୍‌ବଳଃ ।

ସତ୍ୟସ୍ୱରୂପ ଭଗବାନ କୃଷ୍ଣ 'ଗୀତା'ରେ କହିଲେ, 'ରାମଶସ୍ତ୍ରଭୃତାମ୍‌ହମ୍ ।' ଅର୍ଥାତ୍ ଶସ୍ତ୍ରଧାରୀଙ୍କ ମଧ୍ୟରେ ମୁଁ ରାମ । ପରଂବ୍ରହ୍ମ ଭଗବାନ ହୋଇଥିବାରୁ ଶ୍ରୀରାମ ସତ୍ୟ ଅଟନ୍ତି । ତାଙ୍କର ନାମ ସତ୍ୟ ଅଟେ । ରାବଣର ଅତ୍ୟାଚାରରେ ତିନିପୁର ଅତିଷ୍ଠ ହେବାରୁ ବ୍ରହ୍ମାଦିଦେବଗଣ ପ୍ରତିକାର ନିମିତ୍ତ ବିଷ୍ଣୁଙ୍କୁ ପ୍ରାର୍ଥନା କଲେ । ସଦାଶିବ ବିଷ୍ଣୁଙ୍କୁ ରାମରୂପରେ ଅବତୀର୍ଣ୍ଣ ହେବାପାଇଁ ଅନୁରୋଧ କରିଥିଲେ ଏବଂ ବିଷ୍ଣୁ ଶଙ୍କରଙ୍କର ଏହି ଅନୁରୋଧକୁ ସତ୍ୟରେ ପରିଣତ କରିଥିଲେ । ସୁତରାଂ ସତ୍ୟ ରକ୍ଷାରୁ ହିଁ ରାମ ଅବତାରର ଅୟମାରମ୍ଭ ହୋଇଥିଲା । ଉପେନ୍ଦ୍ରଭଞ୍ଜ ଲେଖିଲେ;

ବିହି ସେହି ମୂରତିରତୀଶକୋଟିଜିତ
ବାଞ୍ଛା ପୁରୁହେ ପୁରୁଷୋତ୍ତମ! ମୁଁ ଭାବିତ ହେ ।

ପିତୃସତ୍ୟ ପାଳନ କରି ରାମ ବନବାସ କଲେ, ସେତୁବନ୍ଧ ପ୍ରତିଷ୍ଠାବେଳେ ରାବଣକୁ ଦେଇଥିବା ବଚନକୁ ସତ୍ୟରେ ପରିଣତ କରି ତାକୁ ବ୍ରହ୍ମଶରରେ ବଧ କଲେ । ବିଭୀଷଣଙ୍କ ନିକଟରେ କରିଥିବା ସତ୍ୟରକ୍ଷା କରି ତାଙ୍କୁ ଲଙ୍କାର ରାଜା କରାଇଥିଲେ । ଭରତଙ୍କୁ ଦେଇଥିବା ପ୍ରତିଶ୍ରୁତି ରକ୍ଷାକରି ଠିକ୍ ଚଉଦବର୍ଷ ପୂର୍ଣ୍ଣ ହେବାପରେ ହିଁ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ତପୀମାନଙ୍କର କାମନାକୁ ସତ୍ୟରେ ପରିଣତ କରି ସେମାନଙ୍କୁ ଗୋପୀ ଜନ୍ମ ଦେଇଥିଲେ ଓ ବାସର ରାତିରେ ସୀତାଙ୍କ ନିକଟରେ କରିଥିବା ସତ୍ୟରକ୍ଷାକରି ପରବର୍ତ୍ତୀ ଯୁଗରେ ସୀତା ସ୍ୱରୂପିଣୀ ରୁକ୍ମିଣୀଙ୍କୁ ହରଣ କଲେ । ଚିନ୍ତା ଚେତନା, ଧର୍ମକର୍ମ, ପ୍ରୀତିପ୍ରେରଣା ପରି ପ୍ରତ୍ୟେକ କ୍ଷେତ୍ରରେ ଶ୍ରୀରାମ ସତ୍ୟକୁ ମର୍ଯ୍ୟାଦା ଦେଇଛନ୍ତି । ସତ୍ୟ ରକ୍ଷା କରିଛନ୍ତି । ଶ୍ରୀରାମ ସତ୍ୟର ମୂର୍ତ୍ତିମନ୍ତ ଅବତାର । ତେଣୁ ତାଙ୍କ ଉଦ୍ଦେଶ୍ୟରେ କୁହାଯାଇଛି-

ରାଜେନ୍ଦ୍ରଂ ସତ୍ୟ ସନ୍ଧଂ ଦଶରଥ ତନୟଂ
ଶ୍ୟାମଳଂ ଶାନ୍ତ ମୂର୍ତ୍ତି
ବନ୍ଦେଲୋକାଭିରାମଂ ରଘୁକୁଳତିଳକଂ
ରାଘବଂ ରାବଣାରି ।

ଗାୟକ କବି ବାଙ୍କା ଦାଶ କହିଲେ-

If you are willing to make a web site on your own district in Orissa, we have a great offer for you. We provide free space domain and technology for this
http://www.aahwaan.com

ଆମର ନୂଆ ଠିକଣା
www.aahwaan.com

ମାର୍ଚ୍ଚ-ଅପ୍ରେଲ୍, ୨୦୦୮ ସଂସ୍କରଣ
ସଂପୂର୍ଣ୍ଣ ପାରିବାରିକ, ଓଡିଆ ଇ-ପତ୍ରିକା
ତୃତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା
Vol: 3, Issue: 2
ଆହ୍ୱାନ

ଶ୍ରୀ ଯୁକ୍ତ ନିର୍ମଳ ମିଶ୍ର ଓଡିଶାର ଜଣେ ଲବ୍ଧପ୍ରତିଷ୍ଠିତ ଲେଖକ । ପ୍ରାୟତ: ଓଡିଆ ସାହିତ୍ୟରେ ଜଗନ୍ନାଥ ଚେତନା ସମ୍ବଳିତ ଲେଖା ଆଦି ଲେଖିବାରେ ସେ ସିଦ୍ଧହସ୍ତ । ତାଙ୍କର ଲେଖା ସବୁ ପଢ଼ନ୍ତୁ ଆହ୍ୱାନରେ

ସତ୍ୟଧ୍ୟାୟୀ ନାମଡୋର ପ୍ରଭୁବଧୁ ସୁରାସୁର
ତ୍ରେତୟାରେ ରଘୁବୀର ଦଶକନ୍ଧର ।

ସତ୍ୟ ଯେପରି ମହିମାମୟ, ରାମନାମ ସେପରି ମହିମାମୟ । ରାମନାମରେ ଅମୃତ ନିହିତ । ତେଣୁ ବଳରାମ ଦାସ କହିଲେ- 'ରା' ଅକ୍ଷରରୁ ଅମୃତ ଝରଇ, ଚିହ୍ନିଲେ କରତୁପାନ ।' ଏହି ଅମୃତ ପାନକରି ଭୁଷଣ୍ଡ କାକ ଅମର ହୋଇଥିଲେ । ନୌକା ସଦୃଶ ରାମନାମ ପାପୀମାନଙ୍କୁ ଭବସାଗରରୁ ଉଦ୍ଧାର କରିଥିଲେ । ଏଣୁ ମହାନାଟକରେ ହନୁମାନ କହିଲେ-

ରାମନାମ ଇତି ନାମ ଜପନ୍ତ:
ପାମର ଅପି ତରନ୍ତି ଭବାଧିଂ ।

ଜଗନ୍ନାଥ ଦାସଙ୍କ 'ତୁଳାଭିଣା'ରେ ଶିବ ପାର୍ବତୀଙ୍କୁ ରାମନାମର ମହିମା ସଂପର୍କରେ ବୁଝାଇ ଲେଖିଛନ୍ତି;

ରାମ ନାମଟି ଧରି ହଂସ
ଶରୀରେ କରିଅଛି ବାସ ।
ଏ ମନ ତାହା ନ ଚିହ୍ନଇ
ମିଛ ସଂସାରେ ଭ୍ରମୁଥାଇ ।

ପୁନଶ୍ଚ ଶିବ ପାର୍ବତୀଙ୍କୁ ଜଗନ୍ନାଥଦାସଙ୍କ ଭାଷାରେ କହିଛନ୍ତି;

ଅଲେଖ ବ୍ରହ୍ମ ମାତ୍ର ସତ୍ୟ
ରାମନାମଟି ତୀର୍ଥବ୍ରତ ।

ପାପନିବାରକ ହୋଇଥିବାରୁ; ହରେ ରାମ ହରେ ରାମ ରାମ ରାମ ହରେ ହରେ; ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ' ମନ୍ତ୍ରଟି ମହାମନ୍ତ୍ର ଭାବରେ ଗୃହୀତ ହୋଇଥାଏ । ଅଚ୍ୟୁତାନନ୍ଦ ଦାସ ରାମନାମର ମହାତ୍ମ୍ୟ ଚେତାଇ କହିଛନ୍ତି;

ଯେତେବେଳେ ଜୀବଗୋଟି ଛାଡିବ ତୋହର
ତେତେବେଳେ ଭଜ ରାମନାମ ବେନିଷର ।

ଯମ ଦଣ୍ଡରୁ ମୁକ୍ତି ପାଇବା ପାଇଁ ରାମନାମ ଏକ ମାତ୍ର ଆଶ୍ରୟ ଅଟେ । ଏଥିପାଇଁ 'ଗୋବିନ୍ଦଚନ୍ଦ୍ର' ରଚନାରେ ସାଧକ ଯଶୋବନ୍ତ ଉପଦେଶ ଦେଇ ଲେଖିଛନ୍ତି-

ଭଜୁକିନା ରାମ ନାମରେ ରାଜନ ବୋଲୁକିନା ରାମନାମ
ଭଜିନପାରିଲେ କୁଳଚନ୍ଦ୍ରମାରେ ବାନ୍ଧିନେବ କାଳଯମ ।
ସେହି କାଳଯମ ବଡ ଦାରୁଣରେ ନ ଜାଣଇ ଦୁ:ଖସୁଖ
ବାଛିନେବ କଞ୍ଚା ରଖିବ ପାଚିଲା ଦେବଟି ଦାରୁଣ ଦୁ:ଖ ।

କୌଶଲ୍ୟା ଗର୍ଭଚନ୍ଦ୍ର, ସାକେତ ନଗରୀଚନ୍ଦ୍ର, ରଘୁକୁଳ ଚନ୍ଦ୍ର, ଅଘତମନାଶକାରୀ ଚନ୍ଦ୍ର ଏବଂ ଜାନକୀ ହୃଦୟାକାଶ ଚନ୍ଦ୍ର ରାମଚନ୍ଦ୍ରଙ୍କ ପରି ତାଙ୍କର ନାମ ଅସତ୍ୟ ସଂସାରରେ ଏକମାତ୍ର ସତ୍ୟ । ଏଣୁ ଜୀବନର ଅନ୍ତିମ ଯାତ୍ରାକାଳରେ ମହାଯାତ୍ରୀର ଏବଂ ଯାତ୍ରା ଅପେକ୍ଷାରେ ଥିବା ଅନ୍ୟମାନଙ୍କର ମଙ୍ଗଳ ପାଇଁ ସତ୍ୟ

Aahwaan Web Design Studios. Make Your Web site with us, the way you want in the language you want, because we are the masters of web development. Mail us today.

ଆମର ନୂଆ ଠିକଣା
www.aahwaan.com

ମାର୍ଚ-ଅପ୍ରେଲ୍, ୨୦୦୮ ସଂସ୍କରଣ
ସଂପୂର୍ଣ୍ଣ ପାରିବାରିକ, ଓଡିଆ ଇ-ପତ୍ରିକା
ତୃତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା
Vol: 3, Issue: 2

# ଆହ୍ୱାନ

ଶ୍ରୀ ଯୁକ୍ତ ନିର୍ମଳ ମିଶ୍ର ଓଡିଶାର ଜଣେ ଲବ୍ଧପ୍ରତିଷ୍ଠିତ ଲେଖକ । ପ୍ରାୟତ: ଓଡିଆ ସାହିତ୍ୟରେ ଜଗନ୍ନାଥ
ଚେତନା ସମ୍ବଳିତ ଲେଖା ଆଦି ଲେଖିବାରେ ସେ ସିଦ୍ଧହସ୍ତ । ତାଙ୍କର ଲେଖା ସବୁ ପଢ଼ନ୍ତୁ ଆହ୍ୱାନରେ

ଚେତନା ସୃଷ୍ଟି ପାଇଁ ଉଚ୍ଚ ସ୍ୱରରେ ଉଚ୍ଚାରଣ କରାଯାଇଥାଏ-
'ରାମନାମ ସତ୍ୟ ହେ'
ପୋଖରିଆ ସାହି, ପୁରୀ

## ଛିନ୍ନ ସେତୁ

ଶ୍ରୀମତୀ ରେବତୀ ଦାଶ

ତୁମେ ଥିଲ, ମୁଁ ଥିଲି ଆଉ
ଏହି ବସନ୍ତର ମଳୟ ଥିଲା
ତୁମେ ଚାଲିଗଲ ମୁଁ ରହିଲି ଆଉ
ଏହି ବସନ୍ତର ମଳୟ ବହିଲା ।୧ ।

ସେତେବେଳେ କେତେ ରଙ୍ଗ-ବେରଙ୍ଗ
ଫୁଲଫୁଟି ମହମହ ବାସୁଥିଲା
ଏବେ ଖାଲି ଫୁଲ ସବୁ
ପ୍ରାୟ ଫୁଟି ଫୁଟି ଝଡିଗଲା ୨ ।

ସେତେବେଳେ ପକ୍ଷୀଙ୍କର
ରାବ ସବୁ ସୁମଧୁର ଶୁଭୁଥିଲା
ଏବେ ସେଇ ପକ୍ଷୀଙ୍କର
ରାବ ସବୁ ବେସୁରା ଲାଗିଲା ।୩ ।

ଆକାଶର ଜହ୍ନ କେତେ
ଧରିତ୍ରୀରେ ସଫା ଦିଶୁଥିଲା
ଏବେ ସେହି ଜ୍ୟୋତ୍ସ୍ନା
ଅମାବାସ୍ୟା ପ୍ରାୟ ହେଲା ।୪ ।

କେତେଥର ତୁମେ ଛାଡି ଯାଇଥିଲ
କିନ୍ତୁ ଏପରି ନଥିଲା
ଏବେ ସବୁ ଶୂନ୍ୟଲାଗେ
ତୁମପାଇଁ ପ୍ରତୀକ୍ଷାର ଅନ୍ତହେଲା ।୫ ।

କର୍ମେ ଜୀଏ ନର, କର୍ମେ ମରେ ନର,
ତୁମର ତ କର୍ମର ଶେଷ ହେଲା
ତୁମେ କୁହ ଦୁନିଆରେ କର୍ମ
ନଥିଲେ ନରର ଦିନ ସରିଗଲା ।୬ ।

ଦିନଲାଗେ ବର୍ଷପରି
ମନର ବେଦନା ବଢିଲା
ଯେଉଁଠାରେ ଥାଅ ପଛେ ତୁମେ
ତୁମ ଦୁ:ଖ ସବୁ ସରିଲା ।୭ ।

ମୋହମାୟାଠାରୁ ଦୂରେ ନେଇ ପ୍ରଭୁଙ୍କ
କୃପାରୁ ଆତ୍ମାର ସଦ୍‌ଗତି ହେଲା
ତୁମପାଇଁ ଅଶ୍ରୁଝରେ ମନର
ବେଦନା କେହି ଶୁଣି ନପାରିଲା ।୮ ।

ପ୍ରଭୁଙ୍କ ସ୍ମରଣ କରି କରି
ମୋର ଦୁ:ଖ ଦୂର ନ ହେଲା

Nabodita: The only website in Orissa for girls and women, who need a friend for all the health, beauty, family, personal problems etc needs.
http://nabodita.aahwaan.com

ଆମର ନୂଆ ଠିକଣା
www.aahwaan.com

ମାର୍ଚ୍ଚ-ଅପ୍ରେଲ୍, ୨୦୦୮ ସଂସ୍କରଣ
ସଂପୂର୍ଣ୍ଣ ପାରିବାରିକ, ଓଡିଆ ଇ-ପତ୍ରିକା
ତୃତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା
Vol: 3, Issue: 2
ଆହ୍ୱାନ
ଆମର ଏହି ପତ୍ରିକାରେ ପ୍ରକାଶିତ ଅନେକ ଲେଖା ଆମକୁ ବିଦେଶରେ ରହୁଥିବା ଅଗଣିତ ଓଡିଆ ମାନଙ୍କ ନିକଟରୁ ମିଳିଥାଏ । ଯଦି ଆପଣ ବି ଲେଖା ଲେଖି କରନ୍ତି, ଆମ ପାଖକୁ ଅବଶ୍ୟ ପଠାନ୍ତୁ ।

ତୁମ ଓ ମୋ ପାଇଁ ଦୁନିଆଁରେ
ଛିନ୍ନ ସେତୁ ତିଆରି ହୋଇଲା ।୯ ।
ସ୍ୱର୍ଗତ ସ୍ୱାମୀ ଶ୍ରୀ ପି କେ ଦାଶଙ୍କ ସ୍ମୃତିରେ ଲିଖିତ ।

# ସଂପର୍କର ସେତୁ

ଶ୍ରୀମତୀ ରେବତୀ ଦାଶ

ଘରର ସବୁ କାମ ସାରି ପତ୍ରିକାଖଣ୍ଡେ ଧରି ବିଶ୍ରାମ କରିବାକୁ ଗଲାବେଳକୁ, ବାହାରୁ ପୋଷ୍ଟ ପିଅନଟି ଡାକ ଦେଲା ଆଜ୍ଞା ଚିଠି; ତେଣୁ ଉଠି ଗଲି ଦୁଆର ପାଖରୁ ଚିଠି ଖଣ୍ଡିକ ଧରି ବେଡ୍ ରୁମ୍‌କୁ ଚାଲି ଆସିଲି । ଦେଖିଲି ଚିଠି ଖଣ୍ଡିକ ଆସିଥିଲା ସୁଦୁର ଆମେରିକାରୁ ।

ଅନେକ ଦିନପରେ ସୁପ୍ରଭା ମାଉସୀଙ୍କ ପାଖରୁ ଚିଠି ଖଣ୍ଡିକ ଆସିଥିବାର ଦେଖି ମୁଁ ବହୁତ ବିସ୍ମିତ ହୋଇପାଇଥିଲି । ତେଣୁ ମୁଁ ସଙ୍ଗେ ସଙ୍ଗେ ଚିଠିଟି ଖୋଲିବାରେ ଲାଗିଲି । ଭାବିଲି ପ୍ରାୟ ମଉସା ମାଉସୀ ଭାରତ ଆସିବାର ଅଛି କି କଣ? ସେମାନଙ୍କର ଦେହର ଓ ଘରର ଖବର କ'ଣ? ସେମାନେ ବହୁତ କମ ଭାରତକୁ ଆସିଥାନ୍ତି । ସେଠାରେ ଅନେକ ବର୍ଷରୁ ସେମାନେ ଘରଦ୍ୱାର କରି ରହିଗଲେଣି । ସେଠାକାର ସ୍ଥାୟୀ ବାସିନ୍ଦା ଭାବରେ । ସେମାନଙ୍କର ଦୁଇଟି ପୁତ୍ର ସନ୍ତାନଙ୍କ ସହିତ ସଂସାର । ଦେବେନ୍ଦ୍ର ମଉସା ଜଣେ ସେଠାକାର ଖୁବ୍ ଭଲ ପ୍ରତିଷ୍ଠିତ ଭାରତୀୟ ବ୍ୟବସାୟୀ । ସୁପ୍ରଭା ମାଉସୀ ବୋଉର ନିଜ ଭଉଣୀ ବୋଲି ବୋଉ ସହିତ ତାଙ୍କର ଖୁବ୍ ଭଲ ସଂପର୍କ ଏବଂ ଆମ ଘର ସହିତ ମଧ୍ୟ । ମଉସା ପ୍ରାୟତଃ ଭାରତ ଆସିବାକୁ ବେଶୀ ଆଗ୍ରହ କରନ୍ତି ନାହିଁ । ଚିଠି ଖଣ୍ଡିକ ତାଙ୍କର ବହୁତ ଛୋଟ ଥିଲା । ବହୁତ ଉଦ୍‌ବେଗର ସହିତ ମୁଁ ପଢ଼ିବାରେ ଲାଗିଲି-

> ସ୍ନେହର ମିନି
> ଆମର ସ୍ନେହପୂର୍ଣ୍ଣ ଆଶୀର୍ବାଦ ନେବୁ । କ୍ୱାଇଁ ଓ ପିଲାମାନଙ୍କୁ ଜଣାଇଦେବୁ । ମୁଁ ନାନୀର ଦେହାନ୍ତ ହେବାର ଖବର ପାଇଛି, ସେଥିପାଇଁ ବହୁତ ଦୁଃଖିତ । ଆମେ ଏବେ ଆମ ବଡ ପୁଅ ଅନିଲ୍ ପାଖରେ ଅଛୁ । ତା'ର ଛୋଟ ପିଲା ଦେଖିବାକୁ ମୁଁ ଏଠାରେ କିଛିଦିନ ରହିବି । ତେଣୁ ହଠାତ୍ ମୁଁ ଖବର ପାଇ ସେଠାକୁ ଯାଇ ପାରିଲି ନାହିଁ । ତୁ ତ ଘରର ବଡ, ତେଣୁ ସବୁ ସୁବିଧା ଅସୁବିଧାରେ 'ବାବୁନି'କୁ ତୁ ସାହାଯ୍ୟ କରୁଥିବୁ । ତୁମେମାନେ ମନରେ ସାହସ ରଖି ଚଳିବ । ନାନୀର ତ ବୟସ ହୋଇଥିଲା । ମନ ଦୁଃଖ କରିବନି । ମତେ ତୁମମାନଙ୍କର ଖବର ଜଣାଇବ । ମୁଁ ମୋର ପ୍ରିୟ ନାନୀକୁ ହରାଇ ବହୁତ ଦୁଃଖିତ । ଚିଠିର ଉତ୍ତର ଅପେକ୍ଷାରେ ରହିଲି ।
> ଇତି
> ତୋର, ସୁପ୍ରଭା ମାଉସୀ

If you are willing to make a web site on your own district in Orissa, we have a great offer for you. We provide free space domain and technology for this
http://www.aahwaan.com

ଆମର ନୂଆ ଠିକଣା
www.aahwaan.com

ମାର୍ଚ୍ଚ-ଅପ୍ରେଲ୍, ୨୦୦୮ ସଂସ୍କରଣ
ତୃତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା
Vol: 3, Issue: 2
ସଂପୂର୍ଣ୍ଣ ପାରିବାରିକ, ଓଡିଆ ଇ-ପତ୍ରିକା
ଆହ୍ୱାନ
ଆମର ଏହି ପତ୍ରିକାରେ ପ୍ରକାଶିତ ଅନେକ ଲେଖା ଆମକୁ ବିଦେଶରେ ରହୁଥିବା ଅଗଣିତ ଓଡିଆ ମାନଙ୍କ ନିକଟରୁ ମିଳିଥାଏ । ଯଦି ଆପଣ ବି ଲେଖା ଲେଖି କରନ୍ତି, ଆମ ପାଖକୁ ଅବଶ୍ୟ ପଠାନ୍ତୁ ।

ଚିଠିଟି ପଢିସାରିବା ପରେ ମତେ ଏପରି ଅନୁଭବ ହେଲା, ଯେପରି ତାଙ୍କର ଆମ ପ୍ରତି ପୂର୍ବପରି କୌଣସି ଆନ୍ତରିକତା ନାହିଁ । ସେଥିପାଇଁ ବାଧ୍ୟ ହୋଇ ଏହି ପତ୍ରଖଣ୍ଡିକରେ ଦୁଇଧାଡି ଲେଖି ସମବେଦନା ଜଣାଇ ତାଙ୍କର କର୍ତ୍ତବ୍ୟ ସାରିଦେଇଛନ୍ତି ।

ଦିନଥିଲା ଯେତେବେଳେ ସିଏ ଆମ ଘରର ଜଣେ ସଦସ୍ୟା ଥିଲେ । ସେତେବେଳେ ସିଏ ବୋଉ ପାଖରୁ ବହୁତ ସାହାଯ୍ୟ ମଧ୍ୟ ପାଇଛନ୍ତି । ଅଜା ଓ ଆଇଙ୍କର ବୋଉ ବଡଝିଅ ବୋଲି ଯେତେ ଭଲ ଜିନିଷ ଆଗ ବୋଉର ଭାଗ ବୋଲି ଅଜା ଆଣି ବୋଉକୁ ପ୍ରଥମେ ଦେବେ । ବୋଉ ତାର ଯେତେ ଭଲ ଜିନିଷ ଦେଖିବ ମାଉସୀଙ୍କର ପସନ୍ଦ ହୋଇଥିଲେ ଆଗ ତାଙ୍କୁ ଦେଇଦେବ । ବୋଉ ଓ ମାଉସୀଙ୍କ ଭିତରେ ଏତେ ସ୍ନେହଭାବ ଥିଲା ଯେ ଭାରତ ଓ ଆମେରିକାର ଦୂରତା ବେଶି ଲାଗିନଥିଲା । ବୋଉର ସ୍ୱର୍ଗବାସ ହେବାର ଆଜିକୁ ଦୁଇମାସ ହେବା ପରେ ଏହି ଚିଠି ଖଣ୍ଡିକ ପାଇ ମୁଁ ବହୁତ ଉଦାସ ଅନୁଭବ କଲି । ଭାବିନଥିଲି ମାଉସୀ ଏପରି ଚିଠି ଖଣ୍ଡେ ଲେଖି ତାଙ୍କ କର୍ତ୍ତବ୍ୟ ସାରିଦେବେ ।

ଭାବିଲି ସୁପ୍ରଭା ମାଉସୀ ଯେତେବେଳେ କଲେଜରେ ପଢୁଥିଲେ ସେତେବେଳେ ଆମରି ଘରେ ରହି ପଢୁଥିଲେ । ମୋଠାରୁ କିଛି ବର୍ଷ ବଡ ଥିଲେ । ବୋଉ ଓ ମାଉସୀଙ୍କ ଭିତରେ ବୟସର ପାର୍ଥକ୍ୟ ବହୁତ ଅଧିକ ଥିଲା । ଆମେ ସମସ୍ତେ ସେତେବେଳେ ବହୁତ ଛୋଟ ଥିଲୁ । ବାପା ଆମର ପାଖ ସହରରେ ଚାକିରି କରୁଥିଲେ । ପ୍ରତିଦିନ ଯିବା ଓ ଆସିବା ସମ୍ଭବ ହେଉନଥିଲା । ସିଏ ସପ୍ତାହରେ ଥରେ ନୋହିଲେ ଛୁଟି ହେଲେ ଘରକୁ ଆସୁଥିଲେ । ତେଣୁ ବୋଉ, ମାଉସୀଙ୍କୁ କହିଥାଏ ଆମର ପଢାପଢିର ଦାୟିତ୍ୱ ନେବାକୁ । ତେଣୁ ମାଉସୀ ଆମ୍ଭମାନଙ୍କର ପଢାପଢିର ଦାୟିତ୍ୱ ନେଇ ଆମ୍ଭମାନଙ୍କର ପଢାରେ ବହୁତ ସାହାଯ୍ୟ କରନ୍ତି ।

ସୁପ୍ରଭା ମାଉସୀଙ୍କର ବି ଏ ପରୀକ୍ଷା ସରିବା ପରେ ଅଜା ଆଉ ଆଗକୁ ପଢିବାକୁ ମନା କରିଦେଇଥିଲେ । ମାଉସୀଙ୍କର ପଢାରେ ବହୁତ ଆଗ୍ରହ ଥିଲା । ସେଥିରେ ସିଏ ପ୍ରଥମ ଶ୍ରେଣୀରେ ପାସ୍ କରିଥିଲେ । ମାଉସୀଙ୍କ ରିଜଲ୍ଟ ଦେଖି ବୋଉ ଅଜାଙ୍କୁ କହିଲା ଖାଲି କାହିଁକି ଘରେ ବସିବ ସୁମି? ତୁମେ ପାତ୍ର ଦେଖ, ସୁମି ପାଠ ପଢୁ, ଯେଉଁଠାରେ ଠିକ୍ ହୋଇଯିବ ସେତେବେଳେ ବିଭାଘର ହେବ ଏବଂ ସେମାନେ (ବରଘର) ଚାହିଁଲେ ସେ ଆଗକୁ ପଢ଼ିବ ନହେଲେ ନାହିଁ । ଅଜା ବୋଉର କଥାରେ ରାଜି ହୋଇଗଲେ । ମାଉସୀଙ୍କ ପଢା ପୁଣି ଆରମ୍ଭ ହେଲା । ମାଉସୀ ଯେତେବେଳେ ଏମ ଏ ଫାଇନାଲ୍‌ରେ ଥିଲେ ସେତେବେଳେ ତାଙ୍କର ବିଭାଘର ଠିକ୍ ହୋଇଗଲା ।

ଦେବେନ୍ଦ୍ର ମଉସା ସେତେବେଳେ ଦିଲ୍ଲୀରେ ଏମ୍ ବି

Aahwaan Web Design Studios. Make Your Web site with us, the way you want in the language you want, because we are the masters of web development. Mail us today.

ଆମର ନୂଆ ଠିକଣା
www.aahwaan.com

ମାର୍ଚ୍ଚ-ଅପ୍ରେଲ୍, ୨୦୦୮ ସଂସ୍କରଣ
ସଂପୂର୍ଣ୍ଣ ପାରିବାରିକ, ଓଡିଆ ଇ-ପତ୍ରିକା
ତୃତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା
Vol: 3, Issue: 2
ଆହ୍ୱାନ

ଆମର ଏହି ପତ୍ରିକାରେ ପ୍ରକାଶିତ ଅନେକ ଲେଖା ଆମକୁ ବିଦେଶରେ ରହୁଥିବା ଅଗଣିତ ଓଡିଆ ମାନଙ୍କ ନିକଟରୁ ମିଳିଥାଏ । ଯଦି ଆପଣ ବି ଲେଖା ଲେଖି କରନ୍ତି, ଆମ ପାଖକୁ ଅବଶ୍ୟ ପଠାନ୍ତୁ ।

ଏ ପାଶକରି କୌଣସି ଭଲ କଂପାନୀରେ ଚାକିରି କରୁଥିଲେ । ସେହି ବର୍ଷ ମୋର ଦଶମ ଶ୍ରେଣୀ, ମାଟ୍ରିକ୍ ପରୀକ୍ଷା ବୋଲି ମୁଁ ଓ ବାପା ବିଭାଘର ଦିନ ଯାଇଥିଲୁ । କିନ୍ତୁ ବୋଉ ବିଭାଘରର ଅନ୍ୟାନ୍ୟ ବହୁତ କାମ ଥିବାରୁ ବହୁତ ଆଗରୁ ମୋର ଭାଇ ଓ ଭଉଣୀଙ୍କ ସହିତ ଚାଲି ଯାଇଥିଲା ।

ମୋର ମନେ ପଡୁଛି ସେତେବେଳେ ସୁପ୍ରଭା ମାଉସୀଙ୍କ ଶ୍ୱଶୁର ଓ ଆମ ଅଜାଙ୍କ ଭିତରେ ଯୌତୁକ ଦେବା ନେବା ପାଇଁ ବହୁତ ସମୟ ପାଇଁ ଗଣ୍ଡଗୋଳ ହୋଇଥିଲା । ମୋ ବାପା ଓ ବୋଉ ମିଶି ସବୁ କିଛିର ସମାଧାନ କରିଥିଲେ । ବାପା ତାଙ୍କ ପାଇଁ ଟଙ୍କା ଆଣିଦେଇଥିଲେ । ସୁପ୍ରଭା ମାଉସୀ କିପରି ତାଙ୍କ ଶାଶୁଘରେ ଭଲରେ ରହିବେ, ବୋଉ ବହୁତ ଚେଷ୍ଟା କରୁଥିଲା ଓ ଅଜାଙ୍କୁ ସାହାଯ୍ୟ ମଧ୍ୟ କରୁଥିଲା ଏବଂ ବୁଝାଉଥିଲା ମଧ୍ୟ । ସୁପ୍ରଭା ମାଉସୀ ତାଙ୍କ ଶ୍ୱଶୁର ଘରକୁ ବିଭାହୋଇ ଯିବାପରେ ପରେ ଆମେ (ବାପା ଓ ମୁଁ) ଆମ ଘରକୁ ଚାଲି ଆସିଥିଲୁ । ବୋଉ, ସାନ ଭାଇ ଓ ଭଉଣୀ କିଛି ଦିନ ପରେ ଆସିଥିଲେ ।

ସୁପ୍ରଭା ମାଉସୀ ଓ ଦେବେନ୍ଦ୍ର ମଉସାଙ୍କର ଅଜା ଘରେ ଲେଉଟାଣି ହୋଇ ଆସିବା ପରେ ପରେ ମଉସା ଆମେରିକା ଚାଲି ଯାଇଥିଲେ । ତାଙ୍କୁ ସେତେବେଳକୁ ଆମେରିକାରେ ଚାକିରି ମିଳିଯାଇଥିଲା । ମାଉସୀ ତାଙ୍କର ଏମ୍ ଏ ଫାଇନାଲ୍ ଦେବାର ଥିଲା ଏବଂ ତାଙ୍କର ପାସ୍‌ପୋର୍ଟ ଓ ଭିସା ଇତ୍ୟାଦି କରିବାର ଥିଲା । ତେଣୁ ମଉସା ଏ ସବୁ ଦାୟିତ୍ୱ ବାପା ଓ ବୋଉଙ୍କ ଉପରେ ପକାଇ ଦେଇ ଆମେରିକା ଚାଲି ଯାଇଥିଲେ ।

ମାଉସୀଙ୍କର ପରୀକ୍ଷା ସରିବା ଭିତରେ ତାଙ୍କର ବିଦେଶ ଯିବାର ସମସ୍ତ କାଗଜପତ୍ର ଠିକ୍ ହୋଇଯାଇଥିଲା । ପରୀକ୍ଷା ସରିବାପରେ ମାଉସୀ କିଛିଦିନ ଅଜାଙ୍କ ଘରକୁ ଯାଇ ଅଳ୍ପଦିନ ପରେ ମାମୁଁଙ୍କ ସହିତ ଆସିଥିଲେ । ତାପରେ ସିଏ ଏକା ଏକା ବିଦେଶ ଯାତ୍ରା କରିଥିଲେ । ମଉସା ଯାଇ ସେଠାରେ ବିମାନ ଘାଟିରୁ ମାଉସୀଙ୍କୁ ନେଇ ଯାଇଥିଲେ । ଏଠାରୁ ଯିବାବେଳେ ମାଉସୀ ବୋଉକୁ ଧରି ବହୁତ କାନ୍ଦିଥିଲେ । ବୋଉ ତାଙ୍କୁ ବହୁତ ବୁଝାଇଥିଲା, ନିଜେ ମଧ୍ୟ କାନ୍ଦି କାନ୍ଦି କହିଥିଲା ଚିଠିପତ୍ର ଲେଖିବାକୁ ଏବଂ ପ୍ରତିବର୍ଷ ଆସିବାକୁ । ମାଉସୀ ସବୁଥିରେ ସମ୍ମତି ଜଣାଇ ଯାଇଥିଲେ ।

ମାଉସୀ ସେଠାରେ ପହଞ୍ଚିବାପରେ ଅନେକ ଦିନପର୍ଯ୍ୟନ୍ତ ସପ୍ତାହରେ ଚିଠି ଖଣ୍ଡେ ଲେଖାଏଁ ପଠାଉଥିଲେ । ମଉସା ମଧ୍ୟ ବାପାଙ୍କ ସହ ସଂପର୍କ ରଖିଥିଲେ । ଦୁଇବର୍ଷ ପର୍ଯ୍ୟନ୍ତ ସେମାନେ ଆସିଥିଲେ ମଧ୍ୟ । ତାପରେ ମଉସା ସେଠାରେ ଚାକିରି ଛାଡି ବ୍ୟବସାୟ କରିବାକୁ ବାହାରିଲେ । ସେହିଠାରୁ ଆରମ୍ଭ ହେଲା ସେମାନଙ୍କ ଆମ ସହିତ ସଂପର୍କର ଦୂରତା । କାରଣ ମାଉସୀଙ୍କର ବଡ ପୁଅ ଅନିଲ୍ ସେତେବେଳେ

**Nabodita: The only website in Orissa for girls and women, who need a friend for all the health, beauty, family, personal problems etc needs.**
**http://nabodita.aahwaan.com**

ଆମର ନୂଆ ଠିକଣା
www.aahwaan.com

ମାର୍ଚ୍ଚ-ଅପ୍ରେଲ୍, ୨୦୦୮ ସଂସ୍କରଣ

ସଂପୂର୍ଣ୍ଣ ପାରିବାରିକ, ଓଡିଆ ଇ-ପତ୍ରିକା

ତୃତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା

Vol: 3, Issue: 2

# ଆହ୍ୱାନ

ଆମର ଏହି ପତ୍ରିକାରେ ପ୍ରକାଶିତ ଅନେକ ଲେଖା ଆମକୁ ବିଦେଶରେ ରହୁଥିବା ଅଗଣିତ ଓଡିଆ ମାନଙ୍କ ନିକଟରୁ ମିଳିଥାଏ । ଯଦି ଆପଣ ବି ଲେଖା ଲେଖି କରନ୍ତି, ଆମ ପାଖକୁ ଅବଶ୍ୟ ପଠାନ୍ତୁ ।

ଜନ୍ମ ହୋଇଥାଏ । ମାଉସୀ ତା କାର୍ଯ୍ୟରେ ବ୍ୟସ୍ତ ରହି ଯାଉଥିଲେ । ମଉସା ତାଙ୍କ ନୂଆଁ ବ୍ୟବସାୟ କାର୍ଯ୍ୟରେ ସଫଳତା ପାଇଁ ବ୍ୟସ୍ତ ରହୁଥିଲେ । ଧିରେ ଧିରେ ଚିଠି ଆସିବାରେ ଡେରି ହେଲା । ନିହାତି ଜରୁରୀ ହେଲେ ମଉସା ବାପାଙ୍କ ଅଫିସ୍‌କୁ ଫୋନ୍ କରି କଥା ହୋଇଯାଉଥିଲେ ।

ତା'ପରେ କିଛି ବର୍ଷପରେ ଅଜା ସ୍ୱର୍ଗବାସୀ ହେଲେ । ସେତେବେଳେ ସୁପ୍ରଭା ମାଉସୀ ଓ ଦେବେନ୍ଦ୍ର ମଉସା ଆସିଥିଲେ ପୁଅକୁ ନେଇ । ମଉସା ତ ଚାଲିଯାଇଥିଲେ ବାର ଦିନ ପରେ । ମାଉସୀ ଓ ଅନିଲ୍ ଗୋଟେ ମାସ ରହି ତା ପରେ ଫେରିଥିଲେ । କିନ୍ତୁ ଯେତେବେଳେ ଆଇ ସ୍ୱର୍ଗବାସୀ ହେଲେ ସେତେବେଳେ କେହି ଆମେରିକାରୁ ଆସି ପାରିଲେ ନାହିଁ । ମାଉସୀଙ୍କର ସାନପୁଅ ଜନ୍ମ ହୋଇଥିଲା । ମଉସା ତାଙ୍କ ବ୍ୟବସାୟରେ ବ୍ୟସ୍ତତାର କାରଣ ଦର୍ଶାଇଥିଲେ । ମାମୁଁ ଓ ବାପା ମିଶି ସବୁ କାମ ଶେଷ କରିଥିଲେ । ମାମୁଙ୍କର ପିଲାମାନେ ବଡ ହୋଇନଥିଲେ । ସେମାନେ ଯେତେବେଳେ ବଡ ହେଲେ ସେତେବେଳେ ଯମଜ ଭାଇ ଆମଘରେ ରହି ପଢାପଢି ଆରମ୍ଭ କଲେ, କାରଣ ଗାଁରେ ଭଲ କଲେଜ ନଥିଲା । ପାଠ ପଢାରେ ସେମାନେ ବହୁତ ଭଲ ଛାତ୍ର ଥିଲେ । ମୋର ପୋଷ୍ଟ ଗ୍ରାଜୁଏସନ୍ ବର୍ଷ ସେମାନେ ପ୍ଲସ୍ ଟୁରେ ଜଏନ୍ ହୋଇଥିଲେ । ମାମୁଁ ଗାଁରେ ଶିକ୍ଷକ ଥିଲେ । ମୋର ପଢା ସହିତ ମୁଁ ମାମୁଁଙ୍କ ପୁଅ ଦୁଇଙ୍କ ପଢାପଢି ବି ଦେଖୁଥିଲି ।

ମୋର ଦୁଇ ଭାଇ ଓ ଭଉଣୀ ବାହାରକୁ ପଢିବାକୁ ଚାଲି ଯାଇଥିଲେ । ଭାଇ 'ବାବୁନି' ଇଂଜିନିୟରିଂ ପାଇଁ ବୁର୍ଲା କଲେଜରେ ପଢୁଥିଲା । ଭଉଣୀ 'ବନି' ମ୍ୟାନେଜମେଣ୍ଟ ପଢିବାକୁ ହାଇଦ୍ରାବାଦରେ ଯାଇ କକେଇଙ୍କ ପାଖରେ ରହି ପଢୁଥିଲା । ମୋର ଏମ୍ ଫିଲ୍ ସରିବାପରେ ପରେ ବିଭାଘର ହୋଇଗଲା । ମୋ ବିଭାଘରକୁ ମାଉସୀ ମଉସା ନିଜ ଦୁଇ ପୁଅଙ୍କ ସହିତ ଆମେରିକାରୁ ଆସିଥିଲେ । ତାଙ୍କ ଦୁଇପୁଅ ଅନିଲ୍ ଓ ଅମିତ୍ ଖୁବ୍ ସୁନ୍ଦର ଓ ସ୍ୱାସ୍ଥ୍ୟବାନ ହୋଇଥିଲେ । ଭଲ ପାଠ ମଧ୍ୟ ପଢୁଥିଲେ । ସେଠାରେ ମାଟ୍ରିକ୍ ପଢୁଥିଲେ । ମାଉସୀ ପ୍ରତି କଥାରେ ମଉସା ଓ ତାଙ୍କ ପିଲାମାନଙ୍କର ପ୍ରଶଂସାରେ ଶତମୁଖ ହୋଇ ଉଠୁଥିଲେ । ମୁଁ ବିଭାହୋଇ ଆସିଲା ବେଳକୁ ମୋ ସହିତ ସେ ବହୁତ କାନ୍ଦୁଥିଲେ ଓ ବୋଉକୁ ମଧ୍ୟ ସାନ୍ତ୍ୱନା ଦେଉଥିଲେ । ମୋତେ ମୋର ନୂତନ ସଂସାର ବିଷୟରେ ମତେ କିଛି କିଛି ଉପଦେଶ ମଧ୍ୟ ଦେଇଥିଲେ । ତା'ପରେ ମୁଁ ମୋ ସ୍ୱାମୀଙ୍କ ସହିତ ଦୂର ସହରକୁ ଆସି ଯାଇଥିଲି ।

ତା'ପରେ ମୋର ଓ ମାଉସୀଙ୍କ ଭିତରେ ବହୁତ ବର୍ଷ ପର୍ଯ୍ୟନ୍ତ ଆଉ ଦେଖା ହୋଇନଥିଲା କିମ୍ବା କୌଣସି ସଂପର୍କ ରହି ପାରୁନଥିଲା । ଯେତେବେଳେ ବାପା କିମ୍ବା ବୋଉ ମୋ ପାଖକୁ ଆସନ୍ତି ସେତେବେଳେ ମାଉସୀଙ୍କ ଖବର ମିଳେ ।

If you are willing to make a web site on your own district in Orissa, we have a great offer for you. We provide free space domain and technology for this
http://www.aahwaan.com

ଆମର ନୂଆ ଠିକଣା

www.aahwaan.com

ମାର୍ଚ୍ଚ-ଅପ୍ରେଲ୍, ୨୦୦୮ ସଂସ୍କରଣ
ସଂପୂର୍ଣ୍ଣ ପାରିବାରିକ, ଓଡିଆ ଇ-ପତ୍ରିକା
ତୃତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା
Vol: 3, Issue: 2
ଆହ୍ୱାନ
ଆମର ଏହି ପତ୍ରିକାରେ ପ୍ରକାଶିତ ଅନେକ ଲେଖା ଆମକୁ ବିଦେଶରେ ରହୁଥିବା ଅଗଣିତ ଓଡିଆ ମାନଙ୍କ ନିକଟରୁ ମିଳିଥାଏ । ଯଦି ଆପଣ ବି ଲେଖା ଲେଖି କରନ୍ତି, ଆମ ପାଖକୁ ଅବଶ୍ୟ ପଠାନ୍ତୁ ।

ଯେତେବେଳେ ମୋର ସାନ ଭାଇ ଓ ଭଉଣୀଙ୍କର ବିଭାଘର ହୋଇଥିଲା କିମ୍ବା ମାମୁଁଙ୍କର ଦୁଇ ପୁଅଙ୍କର ବିଭାଘର ହୋଇଥିଲା ସେତେବେଳେ ମଉସା କିମ୍ବା ମାଉସୀ କେହି ଆସି ପାରିନଥିଲେ । ମଉସା ଓ ମାଉସୀ କାର୍ଡ ଦ୍ୱାରା ଏବଂ ଫୋନ୍ ଦ୍ୱାରା ଶୁଭେଚ୍ଛା ଜଣାଇ ଦେଇଥିଲେ । ତାଙ୍କ ପିଲାମାନଙ୍କର ପାଠ ପଢାର କାରଣ ଦର୍ଶାଇ ଆସି ପାରୁନାହାନ୍ତି ବୋଲି ଜଣାଇ ଦେଇଥିଲେ । ମଝିରେ ବୋଉ ମାମୁଁଙ୍କ ପୁଅ ପାଇଁ ଏବଂ ଆମ 'ବାବୁନି' ପାଇଁ ସେଠାରେ ଚାକିରି ସୁବିଧା ଦେଖିବାକୁ କହିଥିଲା । ମାଉସୀ କୌଣସି ପ୍ରକାର ସାହାଯ୍ୟ ଏପରି କରି ପାରିବେନି ବୋଲି କହି ଦେଇଥିଲେ । ପରେ ଶୁଣିଥିଲି ଭାରତ ଆସିଲେ ମଉସା ଓ ପିଲାମାନଙ୍କର ଶରୀର ଏଠାକାର ଜଳବାୟୁରେ ଖରାପ ହେଉଛି ବୋଲି ବେଶି ଆସୁନାହାନ୍ତି ।

ମୋର ସ୍ୱାମୀଙ୍କର ବଦଳ ଚାକିରୀ ପାଇଁ ଆମକୁ ମଧ୍ୟ ବହୁତ ସହର ବୁଲିବାକୁ ପଡୁଥିଲା । ମୋର ମଧ୍ୟ ତେଲ ଲୁଣର ସଂସାରରେ ପିଲାମାନଙ୍କର ସମସ୍ତ ଖବର ବୁଝୁ ବୁଝୁ ସମୟ ଚାଲିଯାଉଥିଲା । ଆଉ ସୁପ୍ରଭା ମାଉସୀଙ୍କ ସହିତ ସଂପର୍କଟା ମଧ୍ୟ ଦୁରେଇ ଯାଇଥିଲା ।

ଅନେକ ବର୍ଷ ପରେ ମୋ ବାପାଙ୍କର ଦେହାନ୍ତ ଖବର ପାଇ ମାଉସୀ ଓ ମଉସା ଦୁଇଜଣ ଆସିଥିଲେ । ବହୁତ ଦୁଃଖିତ ଥିଲେ । ବୋଉକୁ ସାହାସ ଦେଉଥିଲେ କାରଣ ସେତେବେଳକୁ ଆମ ମାମୁଁଙ୍କ ଦେହାନ୍ତ ହୋଇ ଯାଇଥିଲା । ମଉସା, ମାଉସୀଙ୍କୁ ବୋଉ ପାଖରେ ଆମଘରେ ଛାଡି କିଛିଦିନପାଇଁ ସିଏ ଏକା ଆମେରିକା ଫେରି ଯାଇଥିଲେ, ଶୁଦ୍ଧିକ୍ରିୟା କର୍ମ ଶେଷ କରି ।

ସେହି ସମୟରେ ମାଉସୀ ବୋଉର ବହୁତ ଯତ୍ନ ନେଉଥିଲେ । ସାମାଜିକ ଚଳଣୀରେ, ତା'ପରେ ଯେପରି ବୋଉକୁ କେହି କିଛି ନ କହିବେ କିମ୍ବା ତା'ର କୌଣସି ଅସୁବିଧା ନ ହେବ ସେଥିପାଇଁ ବହୁତ ଯତ୍ନ ନେଉଥିଲେ । ମଝିରେ ମଝିରେ ବୋଉକୁ ବୁଝାଉଥିଲେ ମଧ୍ୟ । ଖାଇବା ଓ ପିନ୍ଧିବାରେ ବୋଉକୁ ସମାଜ ଚଳଣୀ ଠାରୁ ଦୁରେଇବା ପାଇଁ ବହୁତ ବୁଝାଉଥିଲେ । ସିଏ କହନ୍ତି ଆମ ସମାଜ ହେଉଛି ପୁରୁଷ ପ୍ରଧାନ ସମାଜ, ସବୁ ନୀତି ଓ ନିୟମ ହୋଇଛି ସ୍ତ୍ରୀ ମାନଙ୍କ ପାଇଁ କେବଳ । କିନ୍ତୁ ଏହା ବେଶୀ ହିନ୍ଦୁ ଧର୍ମରେ ଆମର । ଅନ୍ୟ ଧର୍ମରେ ଏପରି ନାହିଁ । ସ୍ତ୍ରୀ ଯଦି ବିଧବା ହେଲା ତେବେ ତା' ପାଇଁ ଖାଇବା, ପିନ୍ଧିବା ଏବଂ ଶୁଭକାର୍ଯ୍ୟରେ ନଯିବା ଏହିପରି ଅନେକ କଟକଣା ଅଛି । ଜଣେ ପୁରୁଷ ଯଦି ବିପତ୍ନୀକ ହେଉଛି ତାଙ୍କପାଇଁ କୌଣସି କଟକଣା ନାହିଁ କାହିଁକି? ତେଣୁ ମାଉସୀ ବୋଉକୁ କହନ୍ତି ତୁ ଏ ସବୁ ପୁରୁଣା ନିୟମକୁ ମାନିବା କିଛି ଦରକାର ନାହିଁ । ସବୁ ନିୟମ ଏହି ସମାଜ ତା'ର ସ୍ୱାର୍ଥପାଇଁ ପୁରୁଷ ଶ୍ରେଣୀପାଇଁ ତିଆରି କରିଛି । ତା'ର କୌଣସି କାରଣ କିମ୍ବା ଅର୍ଥ ନାହିଁ । ସେତେବେଳେ ମାଉସୀଙ୍କର ଏହି କଥା ମୋ ମନକୁ ବହୁତ

Aahwaan Web Design Studios. Make Your Web site with us, the way you want in the language you want, because we are the masters of web development. Mail us today.

ଆମର ନୂଆ ଠିକଣା
www.aahwaan.com

ମାର୍ଚ୍ଚ-ଅପ୍ରେଲ୍, ୨୦୦୮ ସଂସ୍କରଣ
ସଂପୂର୍ଣ୍ଣ ପାରିବାରିକ, ଓଡିଆ ଇ-ପତ୍ରିକା
ତୃତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା
Vol: 3, Issue: 2
ଆହ୍ୱାନ

ଆମର ଏହି ପତ୍ରିକାରେ ପ୍ରକାଶିତ ଅନେକ ଲେଖା ଆମକୁ ବିଦେଶରେ ରହୁଥିବା ଅଗଣିତ ଓଡିଆ ମାନଙ୍କ ନିକଟରୁ ମିଳିଥାଏ । ଯଦି ଆପଣ ବି ଲେଖା ଲେଖି କରନ୍ତି, ଆମ ପାଖକୁ ଅବଶ୍ୟ ପଠାନ୍ତୁ ।

ପାଇଥିଲା ମଧ୍ୟ ।

ମାଉସୀଙ୍କ ସହିତ କିଛିଦିନ ଚଳିଲା ପରେ ବୋଉ ଆମର ବହୁତ ସାହାସ ପାଇଥିଲା ଏବଂ କିଛିଟା ବଦଳି ଥିଲା ମଧ୍ୟ । ସେତେବେଳେ ମାଉସୀ ବୋଉ ପାଖରେ ଏକ ମାସ ରହି ବୋଉକୁ ନେଇ ମୋ ଭାଇ 'ବାବୁନି' ପାଖରେ ଦିଲ୍ଲୀରେ ଛାଡି, ସିଏ ସେଠାରୁ ଏକା ଏକା ଆମେରିକା ଚାଲି ଯାଇଥିଲେ । ବୋଉ ତା'ପରେ ସବୁ ପିଲାମାନଙ୍କ ପାଖରେ କିଛି କିଛି ଦିନ ରହି ଭୁବନେଶ୍ୱର ଫେରି ଯାଉଥିଲା । ତା'ପରେ ଆମ ମାନଙ୍କର ସମୟ ହେଲେ ଆମେ ସମସ୍ତେ କିଛିଦିନ ଯାଇ ବୋଉ ପାଖରେ ରହି ବୁଲି ଆସୁ । କିନ୍ତୁ ବୋଉକୁ କେବେ ଏକେଲା ନ ରଖିବା ପାଇଁ ମାଉସୀଙ୍କର ଉପଦେଶ ଥିଲା । ଆମ୍ଭେମାନେ ମଧ୍ୟ ସେହିସବୁ କାର୍ଯ୍ୟକାରୀ କରି ଆସୁଥିଲୁ । କିନ୍ତୁ ଏହା ଭିତରେ କେତେ ବର୍ଷ ବିତି ଗଲାଣି । ମାଉସୀ ଆଉ ଆସିପାରି ନାହାନ୍ତି । ଚିଠି ଦିଅନ୍ତି ନଚେତ୍ ଫୋନ୍ ବହୁତ ଦିନରେ ଥରେ କରନ୍ତି ବୋଉ ସହିତ କଥା ହୁଅନ୍ତି, କୁହନ୍ତି ଦେହର ଯତ୍ନ ନେବାକୁ ମଧ୍ୟ । ତାଙ୍କ ବଡ ପୁଅର ଏହା ଭିତରେ ବିବାହ ହୋଇଥିବା ଖବର ମଧ୍ୟ ଦେଇଥିଲେ ।

ବୋଉର ସ୍ୱର୍ଗବାସ ଖବର ପାଇବା ଏତେଦିନ ପରେ ସିଏ ଏମିତି ଖଣ୍ଡେ ଚିଠି ଦ୍ୱାରା ଦୁଃଖ ଜଣାଇବେ ଦେଖି ମତେ ବହୁତ ଅଡୁଆ ଲାଗୁଥିଲା । ଆଗରୁ ଅନେକ ସମୟରେ ମାଉସୀ କହୁଥିଲେ, ନାନୀ ଥିବା ପର୍ଯ୍ୟନ୍ତ ମୋର ଭାରତ ସହ ସଂପର୍କ, ତା'ପରେ କହି ପାରୁନି କଣ ହେବ । ସେଇଆ ବୋଧହୁଏ କରିଲେ ମାଉସୀ ବୋଲି ଭାବିଲି । ହଠାତ୍ କଲିଂ ବେଲ୍‌ର ଶବ୍ଦରେ ମୋର ଭାବନାରେ ପୂର୍ଣ୍ଣଚ୍ଛେଦ ପଡିଲା, ଜାଣିଲି ସ୍ୱାମୀଙ୍କର ଅଫିସରୁ ଫେରିବା ସମୟ ହୋଇଗଲାଣି । ସେଇ ନିଶ୍ଚୟ ହୋଇଥିବେ, ତାଙ୍କୁ ଏ ବିଷୟରେ କିଛି ନ ଜଣାଇବା ଭଲ ଭାବି ଚିଠିଟିକୁ ବେଡ୍ ସାଇଡ୍ ଡ୍ରରେ ଭାଙ୍ଗିକରି ରଖିଦେଲି । ଭାବିଲି ଏତେଦିନ ହେଲା ବୋଉର ଦେହାନ୍ତ ହେବା ଦ୍ୱାରା ସୁପ୍ରଭା ମାଉସୀ ଏବଂ ଆମ ଭିତରେ ଥିବା ସଂପର୍କ ସେତୁଟିର ସୁଦୃଢ ସୂତାଟି ଛିଣ୍ଡିଯାଇଛି ଏବେ କଣ ଏହି ଚିଠି ଖଣ୍ଡିକ ଦ୍ୱାରା? ଏହା ଭାବିଲା କ୍ଷଣି ଆପେ ଆପେ ମୋ ହୃଦୟରୁ ଦୀର୍ଘ ନିଃଶ୍ୱାସଟିଏ ବାହାରି ଆସିଥିଲା, ତା'ପରେ ମୁଁ ଆଗେଇ ଯାଇଥିଲି ଘରର ଦ୍ୱାର ଦିଗକୁ ।



Get Horoscope Services from Aahwaan Infotech.
VISIT
astro.
aahwaan.
com
astro.aahwaan.com

Nabodita: The only website in Orissa for girls and women, who need a friend for all the health, beauty, family, personal problems etc needs.
http://nabodita.aahwaan.com

ଆମର ନୂଆ ଠିକଣା
www.aahwaan.com

ମାର୍ଚ୍ଚ-ଅପ୍ରେଲ୍, ୨୦୦୮ ସଂସ୍କରଣ
ତୃତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା
Vol: 3, Issue: 2
ସଂପୂର୍ଣ୍ଣ ପାରିବାରିକ, ଓଡିଆ ଇ-ପତ୍ରିକା
ଆହ୍ୱାନ

ଓଡିଶାର ସାଂପ୍ରତୀକ ଘଟଣାବଳୀର ସଂପୁର୍ଣ୍ଣ ବିବରଣୀ, ସବିଶେଷ ସମ୍ବାଦ ସହ ପଢିବାକୁ ପାଆନ୍ତୁ ଆମର ଏହି ମାସିକ ପତ୍ରିକାରେ । ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ 'ଆହ୍ୱାନ' ।

# 'ନିରୋଳାରେ ଆସ'

## ଗଣଚେତନା

ସୁଦର୍ଶନ ଦାସ

କିଛିଦିନ ତଳେ ଗୋଟିଏ ଗାଁର ରାସ୍ତାକାମକୁ ନେଇ ଦୁଇ ସାହି ଭିତରେ ବିବାଦ ଉପୁଜିଲା । ରାସ୍ତା ପାଇଁ ମାଟି କେଉଁଠୁ ଆସିବ, ସେ ନେଇ ଭିନ୍ନ ମତ, ସେଥିରୁ ବିବାଦ ଏବଂ ତା'ପରେ ଆରମ୍ଭ ହେଲା କଳି । ଗୋଟିଏ ସାହି ଅସବର୍ଣ୍ଣ ଥିବା ବେଳେ ଅନ୍ୟ ସାହି ସବର୍ଣ୍ଣ ଲୋକଙ୍କର ଥିଲା । କଳି ଯେତେବେଳେ ଥାନା ଜମାଦାର ପର୍ଯ୍ୟନ୍ତ ଯିବାକୁ ବସିଲା, ଅସବର୍ଣ୍ଣ ସାହିର ଲୋକେ, 'ସେମାନେ ଆମକୁ ପାଣ ବୋଲି କହିଲେ' ବୋଲି ଅଭିଯୋଗ ଆଣିବାକୁ ଗଲାବେଳେ ସବର୍ଣ୍ଣ ସାହିର କିଛି ସ୍ତ୍ରୀଲୋକ ଆଗକୁ ବାହାରି ଆସିଲେ । ପିନ୍ଧାଲୁଗାକୁ ଛିଡାଇ ଦେବା ସହିତ ବ୍ଲେଡରେ ନିଜ ଦେହକୁ କିଛି ଜାଗାରେ ଆଞ୍ଚୁଡି ଦେଇ କହିଲେ, 'ଆମକୁ ତୁମେମାନେ ବଳାତ୍କାର କରିଛି ।' ସବର୍ଣ୍ଣ ସାହି ସ୍ତ୍ରୀ ଲୋକଙ୍କର ଏ କାର୍ଯ୍ୟକଳାପ ଦେଖି ଅସବର୍ଣ୍ଣ ସାହିର ଲୋକେ ଆଉ ବିବାଦକୁ ବଢାଇବାକୁ ସାହାସ କଲେ ନାହିଁ । ସାହି କଳି ତୁନି ପଡିଗଲା । ହେଲେ ଯେଉଁ ସ୍ତ୍ରୀଲୋକମାନେ ଅନ୍ୟପକ୍ଷକୁ କେସ୍‌ରେ ପକାଇବା ପାଇଁ ନିଜ ଦେହକୁ ବ୍ଲେଡରେ ଆଞ୍ଚୁଡିଲେ, ସେମାନେ ଯଦି ଜାଣିଥାଆନ୍ତେ ଯେ, 'ନିରୋଳାରେ ଆସ' କହିଦେଲେ ବି ପୁଲିସ କେସ ହୋଇପାରେ, ଜଣେ ବାଚସ୍ପତିଙ୍କୁ ଇସ୍ତଫା ଦେବାକୁ ପଡିପାରେ, ଜଣେ ମନ୍ତ୍ରୀଙ୍କୁ ବରଖାସ୍ତ କରାଯାଇ ପାରେ ଏବଂ ସର୍ବୋପରି ଗୋଟିଏ ରାଜ୍ୟର ରାଜନୀତି ହୁଲସ୍ଥୁଲ୍ ହୋଇପାରେ- ତେବେ ସେମାନେ ନିଜ ଦେହକୁ ଆଦୌ କ୍ଷତ ବିକ୍ଷତ କରିନଥାନ୍ତେ । 'ନିରୋଳାରେ ଆସ' ବୋଲି କହିଥିବା ଅଭିଯୋଗ ଆଣି ସେମାନେ ହୁଏତ ଅନ୍ୟ ସାହିର ମୁହଁକୁ ଚୁପ୍ କରି ଦେଇଥାନ୍ତେ ।

'ନିରୋଳାରେ ଆସ' ଏହି କଥା ପଦକର ମହାତ୍ମ୍ୟ କେତେ ତାହା କ'ଣ କାହାକୁ ଆଗରୁ ଜଣାଥିଲା । ଆମ ରାଜ୍ୟବାସୀ ତାହା ଏବେ ଜାଣିଲେ । ଏହି କଥା ପଦକୁ କୁଆଡେ ଆମ ରାଜ୍ୟର ପୁର୍ବତନ ବାଚସ୍ପତି ବିଧାନସଭାର ମହିଳା ମାର୍ଶାଲ୍‌ଙ୍କୁ କହିଥିଲେ । ସେହି କଥାପଦକ ପାଇଁ ବିଧାନସଭା ରଣକ୍ଷେତ୍ର ପାଲଟିଗଲା-ବିଧାୟକ-ବିଧାୟିକାଙ୍କ ଭିତରେ ଟଣା ଓଟରା, ମୁଥ ମରାମରି, କମିଜ୍ ଚିରା, ମାଇକ୍ ଭଙ୍ଗା ଇତ୍ୟାଦି କେତେ କଣ ଘଟିଗଲା । ବିଧାନସଭା ବାହାରେ ବି ଚାଲିଲା ନାରାବାଜି, ସଭା-ଶୋଭାଯାତ୍ରା । କୁକୁର, ବିଲେଇ, ଛେଳିମାନେ ବି ସେ ଶୋଭାଯାତ୍ରାର ଶୋଭାବର୍ଦ୍ଧନ କଲେ । ଗୋଟିଏ ପକ୍ଷ 'ଧର୍ଷଣକାରୀ ବାଚସ୍ପତି' ବୋଲି ପ୍ଲାକାର୍ଡ ଲେଖି ବିଚ୍ ରାସ୍ତାରେ ଶୋଭାଯାତ୍ରା କଲାବେଳେ ଅନ୍ୟପକ୍ଷ, ମହିଳା ମାର୍ଶାଲଙ୍କର ଚରିତ୍ର ସଂହାର

If you are willing to make a web site on your own district in Orissa, we have a great offer for you. We provide free space domain and technology for this
http://www.aahwaan.com

ଆମର ନୂଆ ଠିକଣା
www.aahwaan.com

ମାର୍ଚ୍ଚ-ଅପ୍ରେଲ୍, ୨୦୦୮ ସଂସ୍କରଣ

ସଂପୂର୍ଣ୍ଣ ପାରିବାରିକ, ଓଡିଆ ଇ-ପତ୍ରିକା

ତୃତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା

Vol: 3, Issue: 2

# ଆହ୍ୱାନ

ଓଡିଶାର ସାଂପ୍ରତୀକ ଘଟଣାବଳୀର ସଂପୁର୍ଣ୍ଣ ବିବରଣୀ, ସବିଶେଷ ସମ୍ବାଦ ସହ ପଢିବାକୁ ପାଆନ୍ତୁ ଆମର ଏହି ମାସିକ ପତ୍ରିକାରେ । ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ 'ଆହ୍ୱାନ' ।

କରିବାର ସୀମା ଟପିଗଲା । 'ଧର୍ଷଣକାରୀ ବାଚସ୍ପତି ଇସ୍ତଫାଦିଅ' ବୋଲି ମହିଳା ମାନେ କଣ୍ଠ ଫଟାଇ ସ୍ଲୋଗାନ୍ ଦେଉଥିବା ବେଳେ ଅନ୍ୟପକ୍ଷରେ ସେହି ମହିଳା ମାନେ ହିଁ 'ମାର୍ଶାଲଙ୍କୁ ଚରିତ୍ରହୀନା ବୋଲି ଅଭିହିତ କରି ତାଙ୍କର କୁଶପୁତ୍ତଳିକା ଦାହ କରିବାକୁ ପଛାଇଲେ ନାହିଁ । ଶେଷରେ ଅବସ୍ଥା ଏପରି ହେଲା ଯେ, ଶାସକ ଦଳର ଦୁଇଟି ମୁଣ୍ଡ ଗଡିଲା । ବାଚସ୍ପତି ଇସ୍ତଫା ଦେଲେ ଏବଂ ଜଣେ ମନ୍ତ୍ରୀଙ୍କୁ ବରଖାସ୍ତ କରାଗଲା । ତା'ପରେ ବି ପରିସ୍ଥିତି ଶାନ୍ତ ପଡିନି । ମୁଖ୍ୟ ଖଳନାୟକ କିଏ ବୋଲି ପ୍ରଶ୍ନ ଉଠୁଛି, ଗିରଫଦାରୀର ଦାବୀ ଉଠୁଛି ଏବଂ ସରକାର ଇସ୍ତଫା ଦିଅନ୍ତୁ ବୋଲି ବିବୃତି ବାହାରୁଛି । ରାଜନୈତିକ ବିଶେଷଜ୍ଞମାନେ ପରିସ୍ଥିତି ଆହୁରି ଜଟିଳ ହେବାର ଆଶଙ୍କା କରୁଛନ୍ତି । ଅନେକ ଗୁମର କଥା ସବୁ ଯଦି ପଦାକୁ ଆସୁଛି ପରିସ୍ଥିତି ଆହୁରି ଅଧିକ ବିସ୍ଫୋରକ ହେବ ବୋଲି ରାଜଧାନୀରେ ଆଲୋଚନା ଚାଲିଛି ।

ଏମିତି ବି ହୋଇପାରେ, ଦୁଇ ମୁତୁରି ନିରୋଳାରେ ବସି ହେଁସ ନ ଧୋଇବାର ଯୋଜନା ମଧ୍ୟ କରିପାରନ୍ତି । ତକାତକି ହୋଇ ନିରୋଳାରେ ବସି ନିଜ ଭିତରେ ଥିବା ବିବାଦକୁ ସମାଧାନ କରିବାର ପ୍ରୟାସ ବି କରିପାରନ୍ତି । ବିସ୍ଫୋରକ ପରିସ୍ଥିତିକୁ ଏଡାଇ ଦିଆଯାଇପାରେ । ସଉତୁଣୀକୁ ବିଧବା ରୂପରେ ଦେଖିବା ପାଇଁ ଇଚ୍ଛା ଥିଲେ ମଧ୍ୟ ସ୍ୱାମୀର ମରଣ ଅଗ୍ରହଣୀୟ ହୋଇପାରେ । ଶାସକ ଓ ବିରୋଧୀ ଦଳ ଭିତରେ ନିରୋଳାରେ ବସି ଅନେକ କଥା ସମାଧାନ ବି ହୁଏ । ଅତୀତରେ ତା'ର ନଜିର ରହିଛି । ଓଡିଶାର ସାଧାରଣ ଲୋକଙ୍କ ଜୀବନ ଜୀବିକାର ପ୍ରସଙ୍ଗ ଗୁଡିକୁ ଅଣଦେଖା କରି ନିରୋଳାରେ ସେମାନେ କୋଳାକୋଳି ହୋଇଛନ୍ତି । ବର୍ତ୍ତମାନର ପ୍ରସଙ୍ଗଟି ମଧ୍ୟ ସେହିଭଳି ପାଣିରେ ମିଳାଇ ଯାଇପାରେ । 'ନିରୋଳାରେ ଆସ' କଥା ପଦକୁ ନେଇ ମୁଣ୍ଡ ଟେକିଥିବା ଏତେବଡ ସମସ୍ୟାଟିର ସମାଧାନ ବି ନିରୋଳାରେ ବସି କରାଯାଇପାରେ । କିନ୍ତୁ ଓଡିଶାର ରାଜନୀତି ଓ ସାମାଜିକ ଜୀବନ ଉପରେ ଏହି କଥାପଦକ ଏବଂ ତାକୁ ନେଇ ଯେଉଁ ସବୁ ଘଟଣା ଘଟିଗଲା, ତାହାର ପ୍ରଭାବ ଅତ୍ୟନ୍ତ ଗଭୀର । ଓଡିଶା ରାଜନୀତିରେ ଏହା ଯେଉଁ କ୍ଷତି ସୃଷ୍ଟି କରିଛି, ତାହା ସହଜରେ ଉପଶମ ହେବ ନାହିଁ । ରାଜ୍ୟର ସାମାଜିକ ଜୀବନରେ ଏହା ଯେଉଁ କଳୁଷିତ ବାତାବରଣ ସୃଷ୍ଟି କରିଛି, ସେଥିରୁ ଆମକୁ ସହଜରେ ତ୍ରାହି ମିଳିବ ନାହିଁ ।

'ନିରୋଳାରେ ଆସ': ଏକଥା ଯଦି ପୂର୍ବତନ ବାଚସ୍ପତି କହିଥାଆନ୍ତି, ତାହା ବାଚସ୍ପତି ପଦବୀର ଯେତିକି ମର୍ଯ୍ୟାଦା ହାନୀ ଘଟାଇଛି, 'ଧର୍ଷଣକାରୀ ବାଚସ୍ପତି' ବୋଲି ପ୍ଲାକାର୍ଡ ଲେଖି ରାଜ ରାସ୍ତାରେ ପ୍ରଦର୍ଶନ କରିବା ସେହି ପଦବୀକୁ ସେତିକି ଅସମ୍ମାନିତ କରିଛି । ବାଚସ୍ପତି ଚୌକିକୁ ବିଧାନସଭା ଭିତରେ ଗୋଇଠାମାରି ତଳେ ପକାଇ ଦେବା ମଧ୍ୟ ବାଚସ୍ପତି ଆସନକୁ କମ ଅସମ୍ମାନ

**Aahwaan Web Design Studios. Make Your Web site with us, the way you want in the language you want, because we are the masters of web development. Mail us today.**

ଆମର ନୂଆ ଠିକଣା

www.aahwaan.com

ମାର୍ଚ୍ଚ-ଅପ୍ରେଲ୍, ୨୦୦୮ ସଂସ୍କରଣ

ତୃତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା

Vol: 3, Issue: 2

ସଂପୂର୍ଣ୍ଣ ପାରିବାରିକ, ଓଡିଆ ଇ-ପତ୍ରିକା

# ଆହ୍ୱାନ

ଓଡିଶାର ସାଂପ୍ରତୀକ ଘଟଣାବଳୀର ସଂପୁର୍ଣ୍ଣ ବିବରଣୀ, ସବିଶେଷ ସମ୍ବାଦ ସହ ପଢିବାକୁ ପାଆନ୍ତୁ ଆମର ଏହି ମାସିକ ପତ୍ରିକାରେ । ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ 'ଆହ୍ୱାନ' ।

ନୁହଁ । ବାଚସ୍ପତି ଆସନରେ ବସି 'ନିରୋଳାରେ ଆସ' (ଯେଦି କହିଥାଆନ୍ତି) କହିଥିବା ବ୍ୟକ୍ତିଜଣକ ବାଚସ୍ପତି ପଦକୁ ଅସମ୍ମାନ କରିବାର ଅପରାଧରେ ଯେମିତ ଅପରାଧୀ, ସେହି ଆସନକୁ ଅସମ୍ମାନ କରିଥିବା ଅନ୍ୟମାନେ ବି ସମାନ ଅପରାଧର ଦାୟୀଦାର । ବାଚସ୍ପତି ପଦବୀର ଅସମ୍ମାନ ପାଇଁ ଯଦି କୌଣସି ଆଇନର ନଥିରେ ଦଣ୍ଡବିଧାନ ଥାଏ, ଏ ସମସ୍ତଙ୍କ ପାଇଁ ସେ ଦଣ୍ଡ ଲାଗୁହେବା କ'ଣ ଜରୁରୀ ନୁହଁ?

ଜଣେ ମହିଳାଙ୍କର ସୁରକ୍ଷା ଏବଂ ସମ୍ମାନର ପ୍ରଶ୍ନ, ତାଙ୍କର ନାରୀତ୍ୱର ପରାକାଷ୍ଠାର ପ୍ରଶ୍ନ-ଏହାକୁ ଯେତେବେଳେ ଏବଂ ଯିଏ ଭୁଲୁଣ୍ଠିତ କରାଇବାର ପ୍ରୟାସ କରିବ, ସିଏ ଅପରାଧର କାଠଗଡାରେ ଛିଡା ହେବାକୁ ବାଧ୍ୟ । ସେଥିରେ ସନ୍ଦେହର ଅବକାଶ ନାହିଁ । ସେ ଅପରାଧରେ ଯିଏ ଅପରାଧୀ, ତାଙ୍କୁ ଦଣ୍ଡ ମିଳିବା ଉଚିତ ଏବଂ ସେଥିପାଇଁ ଦାବୀ କରିବା ନିଶ୍ଚିତ ଭାବରେ ଯୁକ୍ତିଯୁକ୍ତ । କିନ୍ତୁ ଯେଉଁମାନେ ବିଚ୍ ରାସ୍ତାରେ ଜଣେ ମହିଳାଙ୍କୁ ଚରିତ୍ରହୀନା ଏବଂ ବେଶ୍ୟାଭାବରେ ପ୍ରତିପାଦିତ କରାଇଲେ, ସେମାନେ କ'ଣ ଅପରାଧୀ ନୁହନ୍ତି? ସେମାନଙ୍କୁ କ'ଣ କାଠଗଡାରେ ଛିଡା କରାଯିବା ଉଚିତ୍ ନୁହେଁ? ଜଣେ ନାରୀଙ୍କର ସମ୍ମାନକୁ ସୁରକ୍ଷା ଦେବାକୁ ଯାଇ ଶହ ଶହ ମହିଳା ରାଜରାସ୍ତାକୁ ଓହ୍ଲାଇବା ସ୍ୱାଭାବିକ । ସେହି ନାରୀ ଜଣକୁ ଚରିତ୍ରହୀନା ଏବଂ ବେଶ୍ୟା ସଜାଇ ତାଙ୍କର କୁଶ ପୁତ୍ତଳିକାକୁ ରାସ୍ତାରେ ନଚାଇ ଶେଷରେ ପୋଡିବାରେ ଶହ ଶହ ମହିଳା ବି ଭାଗନେବା କଣ ସ୍ୱାଭାବିକ? ସମାଜ ବିଜ୍ଞାନର ଛାତ୍ର ଭାବେ ଏ ପ୍ରଶ୍ନର ଉତ୍ତର  ମୁଁ ନିଜେ ନିଜକୁ ପଚାରି ହତାଶ ହେଉଛି ।

'ନିରୋଳାରେ ଆସ'- ଏକଥାକୁ ନେଇ ଆମ ରାଜ୍ୟର ରାଜନୀତିରେ କେତେ ଧମାକା ନ ହେଉଛି ସତେ! ସେକଥା ଏବଂ ତା'କୁ ନେଇ  ଘଟୁଥିବା ଘଟଣାବଳୀ ଗୁଡିକ ଯେତେବେଳେ ଗଣମାଧ୍ୟମରେ ପ୍ରଚାରିତ ହେଉଛି, ମୁଣ୍ଡ ତଳକୁ ନଇଁ ଯାଇଛି । ଆମ ରାଜନୀତି ଏବଂ ନେତାମାନଙ୍କର କୁତ୍ସିତ ଚେହେରା ଖାଲି ପଦାକୁ ଆସୁନି, ଓଡିଶା ଏବଂ ଓଡିଆଙ୍କର ସ୍ୱାଭିମାନ ଏବଂ ସମ୍ମାନ ମଧ୍ୟ ତଳେ ପଡି ମାଟିରେ ଗଡୁଛି । ଓଡିଶା ବାହାରେ ଥିବା ଓଡିଆମାନଙ୍କୁ ଅଣଓଡିଆମାନେ 'ତୁମ୍ହାରା ଓଡିଶା ମେ ୟେ କ୍ୟା ହୋ ରହା ହୈ?' ପ୍ରଶ୍ନର ଉତ୍ତର କେବଳ ମୁଣ୍ଡ ତଳକୁ କରିବା ବ୍ୟତୀତ ଆଉ କ'ଣ ହେଉଥିବ? (ନିକଟ ଅତୀତରେ ଅନୁଷ୍ଠିତ ଏନ୍ ଡି ଏ ବୈଠକରେ କୁଆଡେ ଆମ ମୁଖ୍ୟମନ୍ତ୍ରୀ ଏ ପ୍ରଶ୍ନବାଣର ଶିକାର ହୋଇଥିଲେ ।)

'ଓଡିଶା ଭାରତବର୍ଷର ସବୁଠୁ ଗରିବ ରାଜ୍ୟ'- ନିକଟରେ ପ୍ରକାଶ ପାଇଥିବା ଅର୍ଥନୈତିକ ସର୍ଭେ ରିପୋର୍ଟରେ ଯେତେବେଳେ ଏ କଥା ପ୍ରକାଶ ପାଇଲା, କେଉଁଠି କିଛି ପ୍ରତିକ୍ରିୟା ହେବାର ଦେଖିବାକୁ ମିଳିଲା ନାହିଁ । ବିଧାନସଭା ହୁଲ୍ସ୍ଥୁଲ୍ ହେବା ତ ଦୂରର କଥା ତା'ଉପରେ ଆଲୋଚନା ବି ହେଲାନି ।

**Nabodita: The only website in Orissa for girls and women, who need a friend for all the health, beauty, family, personal problems etc needs.**
http://nabodita.aahwaan.com

ଆମର ନୂଆ ଠିକଣା

www.aahwaan.com

ମାର୍ଚ୍ଚ-ଅପ୍ରେଲ୍, ୨୦୦୮ ସଂସ୍କରଣ
ସଂପୂର୍ଣ୍ଣ ପାରିବାରିକ, ଓଡିଆ ଇ-ପତ୍ରିକା
ତୃତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା
Vol: 3, Issue: 2
ଆହ୍ୱାନ

ଓଡିଆରେ ଟାଇପ୍ କରିବା ପାଇଁ ସଫ୍ଟୱେର୍ ପାଆନ୍ତୁ ନିଃଶୁଳ୍କ ଆମ ୱେବ୍‌ସାଇଟ୍‌ରୁ ।
http://www.aahwaan.com/odia.zip

ବିଭବଶାଳୀ ଏ ରାଜ୍ୟରେ ପ୍ରତି ୩ ଜଣରେ ଜଣେ ଲୋକ କାହିଁକି ଭୋକିଲା ରହୁଛି, ତାକୁ ନେଇ କେହି ପ୍ରଶ୍ନ କଲେନି । ରାଜରାସ୍ତାରେ କୌଣସି ଶୋଭାଯାତ୍ରା ବାହାରିଲାନି କି କାହାରି ମୁର୍ଦାବାଦ ପଡିଲାନି । ଗୋଟେ ଅଧେ ରାଜନୈତିକ ଦଳକୁ ଛାଡିଦେଲେ କେହି ବିବୃତ୍ତି ଟିକେ ବି ଦେଲେନି । ସେ କଥାକୁ ନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ବି ହେଲାନି । କିନ୍ତୁ 'ନିରୋଳାରେ ଆସ' ଏ କଥା ଯେତେବେଳେ ଅଭିଯୋଗ ଆକାରରେ ଆସିଲା, ଚର୍ଚ୍ଚା ହେଲା ରାସ୍ତାଘାଟରେ । ନାରାବାଜୀ ଚାଲିଲା ରାଜ ରାସ୍ତାରେ, ବିଧାନସଭା ଦୁଲୁକି ଉଠିଲା । ରାଜନୀତି ଚଳଚଞ୍ଚଳ ହୋଇଉଠିଲା । ନେତାଙ୍କ ଭିତରେ ନିରୋଳାରେ ଯାଆଆସ ଚାଲିଲା, ନିରୋଳାରେ ମନ୍ତ୍ରଣା ହେଲା । ଓଡିଶା ରାଜନୀତିର ଏହା ହିଁ ଦୁର୍ଭାଗ୍ୟ । ଓଡିଶାବାସୀଙ୍କର ଜନଜୀବନ ସମସ୍ୟା ନେଇ ରାଜନୀତି ଏଠି କମ ହୁଏ । ଲୋକଙ୍କର ଗରିବି, ଅଭାବ ଅନାଟନ, ସ୍ୱାଭିମାନକୁ ନେଇ ଏଠି ରାଜନୀତି ଅଧିକ ଚଳଚଞ୍ଚଳ ହୁଏନି । 'ନିରୋଳାରେ ଆସ' ଭଳି ପ୍ରସଙ୍ଗକୁ ନେଇ ରାଜନୀତି କରୁଥିବା ନେତାମାନେ ଏକାଠି ନିରୋଳାରେ ବସି ହିଁ ଜନଜୀବନର ପ୍ରସଙ୍ଗ ଗୁଡିକୁ ରାଜନୀତିର ପରିଧି ବାହାରକୁ ନେଇଯାଆନ୍ତି ।

୧୪୪, କାନନ ବିହାର, ଫେଜ୍-୧, ପଟିଆ, ଭୁବନେଶ୍ୱର

## ଆରାମଚୌକି

### ଗାୟତ୍ରୀବାଲା ପଣ୍ଡା

ଗତ ସପ୍ତାହରେ ଗୋଟାଏ ନଟ୍
ଖସିପଡିଚି ସେଥିରୁ ।
ବସିବାକୁ ଡର ମାଡୁଚି
କେଁ କେଁ ଆୱାଜ୍ ସାଙ୍ଗକୁ ହୁଗୁଳା ଦେହ
ଅଣ୍ଟା ଯନ୍ତ୍ରଣା ବଢିଯିବାର ଭୟ ।

ନା । ଉତ୍ତରାଧିକାର ସୂତ୍ରରେ
ସେଇଟି ମୋର ପ୍ରାପ୍ୟ ନଥିଲା,
ଥିଲା ମୋ ଭାଇର
ଯିଏ ରହୁଚି ମୁମ୍ବାଇରେ,
ମାୟା ନଗରୀର ମାୟାରେ ।

ଜେଜେଙ୍କଠୁ ସେ ଚୌକି
ବାପାଙ୍କ ଯାଏଁ ଆସିଲା
ପିଢିପିଢିର ଫୁର୍‌କୁଟିଆ ଝାଳଗନ୍ଧ
ଚିକିଟା ମଳିପରସ୍ତ
ପାପେରା ଓ ଜଙ୍ଗଲଗା ଦେହକୁ ନେଇ
ଏଯାଏଁ ବଞ୍ଚିଲା ।
ଏ ଛବିଶ ଜାନୁଆରିକୁ

If you are willing to make a web site on your own district in Orissa, we have a great offer for you. We provide free space domain and technology for this
http://www.aahwaan.com

ଆମର ନୂଆ ଠିକଣା
www.aahwaan.com

ମାର୍ଚ୍ଚ-ଅପ୍ରେଲ୍, ୨୦୦୮ ସଂସ୍କରଣ
ସଂପୂର୍ଣ୍ଣ ପାରିବାରିକ, ଓଡିଆ ଇ-ପତ୍ରିକା
ତୃତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା
Vol: 3, Issue: 2

# ଆହ୍ୱାନ

ଓଡିଆରେ ଟାଇପ୍ କରିବା ପାଇଁ ସଫ୍ଟୱେର୍ ପାଆନ୍ତୁ ନି:ଶୁଳ୍କ ଆମ ୱେବ୍‌ସାଇଟ୍‌ରୁ ।
http://www.aahwaan.com/odia.zip

ମୋ ପୁଅକୁ ଚାରି ପୁରିଲା ।
କେତେ ଅସ୍ୱସ୍ତି, ଅନିଦ୍ରାପଣ ଓ
ଅନ୍ୟମନସ୍କତାକୁ ଜାକିଧରି
ଦିନେ ବି ବାହାର କଲାନି
ତା'ର ପ୍ରତିବାଦ
ମନେଅଛି ଯୋଉଦିନ ତା'ଧାରରେ
କଟିଗଲା ମୋର ଜିଭ
ଜେଜେମା କହିଲା
କବାଡିବାଲାକୁ ଦେଇଦିଅ ଏଇଟା
ମୋ ନାତୁଣୀର ରକ୍ତ ଚାଖିଲା ।
ମତେ ସାଢେ ତିନ୍ ବୟସ
ସେତେବେଳକୁ
ଅମାରଘର କାନ୍ଥକୁ ଡେରାହୋଇ ସେ
ରହିଲା ଗୁଡାଏ ଦିନ
ଅପରିଷ୍କାର, ଅବ୍ୟବହୃତ
ଦିନେ ବାପା କଟକରୁ ଫେରି
ତାକୁ ବାହାର କଲେ
ପିଲାଦିନେ ଆମର ଲୁହ,
ସିଂଘାଣି ପୋଛିବା ପରି
କାନ୍ଧରୁ ଗାମୁଛାକାଢି
ପୋଛି ପକେଇଲେ ତା ଦେହ
ଆଉଜିପଡି ନିଦେଇଗଲେ
ପରମ ଶାନ୍ତିରେ ।
ନା:, ତା'ର ଆଖି ନାହିଁ,
ସେଥିରେ ଲୁହ ଜକେଇଲାନି ।
ବା'ହେଇ ଦାମୀ ଆସବାବ ସ' ମୁଁ ଆସିଲି
କିଛିଦିନ ପରେ
ଦିନେ ଖରାବେଳେ ଝାଳନାଳ ହୋଇ
ବାପା ପହଞ୍ଚିଲେ ମୋ ଘରେ, ସ୍କୁଟରରେ
ପଛେ ପଛେ ଆରାମଚୌକିଟା ନଦା
ହୋଇଥିଲା ଟ୍ରଲିରେ ।
ବାରଣ୍ଡାରେ ତାକୁ ପକେଇ
ଗଡିପଡିଲା ବେଳେ
ଲାଗିଲା ତା'ର ଆତ୍ମା ବି ଅଛି, ଆଖି ଅଛି
ଯୋଉ ଆଖିରୁ ଅବିକଳ
ମୋପରି ଲୁହ ବୁହାଏ
ଝରିପାରେ, ଦୁ:ଖରେ ଓ ଆତ୍ମତୃପ୍ତିରେ ।

ପ୍ଲଟ୍ ନଂ-ଏ/୧, ପିପିଏଲ୍ ହାଉସିଂ କଲୋନୀ, ଆଇଗିଣିଆ,
ଭୁବନେଶ୍ୱର

Aahwaan Web Design Studios. Make Your Web site with us, the way you want in the language you want, because we are the masters of web development. Mail us today.

ଆମର ନୂଆ ଠିକଣା
www.aahwaan.com

ମାର୍ଚ୍ଚ-ଅପ୍ରେଲ୍, ୨୦୦୮ ସଂସ୍କରଣ
ତୃତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା
Vol: 3, Issue: 2
ସଂପୂର୍ଣ୍ଣ ପାରିବାରିକ, ଓଡିଆ ଇ-ପତ୍ରିକା

# ଆହ୍ୱାନ

ଓଡିଆରେ ଟାଇପ୍ କରିବା ପାଇଁ ସଫ୍‌ଟୱେର୍ ପାଆନ୍ତୁ ନି:ଶୁଳ୍କ ଆମ ୱେବ୍‌ସାଇଟ୍‌ରୁ ।
http://www.aahwaan.com/odia.zip

## ମଗା ଯଚା

### ହେମନ୍ତ ସାହୁ

ଏବେ
କେମିତି ଯେ,
ଭାତ ଦିଅ
ଛାତ ଦିଅ
ବି ଛାତି ଦିଅ
ଢେର ସାରା ପ୍ରୀତି ଦିଅ!!!

ଯାଚିଦେଲା ବେଳେ
ଆକାଶରୁ
ଲକ୍ଷେ ତାରାଫୁଲ
ମୁଁ ଜହ୍ନିଫୁଲ ସହ
ହେଉଥିଲି ଗେଲ;
ଯାଚିଦେଲାବେଳେ
ମାଟିରୁ ସହସ୍ର ଯୋଜନ
ମୁଁ କୋଉ ଅଜଣା
ରାଜେଶ୍ୱରୀର ପ୍ରେମରେ
ଥିଲି ନିମଗ୍ନ ।

ଏବେ ତମେ ଇ କୁହ
ଯାଚି ଦେଲାବେଳେ
ଦେଉଳରୁ ନେତ; କିଆଁ
ଥରୁଥାଏ ପାଦ
ବି ମାଗିଲା ବେଳକୁ ପାଣି
ପଛକୁ କିଆଁ
ଫେରିଯାଏ ସମୁଦ୍ର ।

ତଳସାଗରପଡା, ରାମପୁର, କଳାହାଣ୍ଡି

## ନିଆଁ କାଟେ ନିଆଁ

### ଅରୁଣ ବିଶ୍ୱାଳ

ଯୌବନ ଏକ
ଅଣାୟତ ଉଚ୍ଛୁଳା ଲହର
ସବୁବେଳେ ପ୍ରସ୍ତୁତ
କୂଳ ଲଂଘିବାକୁ
ଧୋଇବାକୁ ଉଜାଡିଦେବାକୁ
ସୁନାର ଫସଲ ।

ଯୌବନର ଭାର
ସହି ହୁଏନି କି ରହିହୁଏନି
ହୁଏତ ଅଜାଡି ହୋଇ ପଡିବ

Nabodita: The only website in Orissa for girls and women, who need a friend for all the health, beauty, family, personal problems etc needs.
http://nabodita.aahwaan.com

ଆମର ନୂଆ ଠିକଣା
www.aahwaan.com

ମାର୍ଚ୍ଚ-ଅପ୍ରେଲ୍, ୨୦୦୮ ସଂସ୍କରଣ
ସଂପୂର୍ଣ୍ଣ ପାରିବାରିକ, ଓଡିଆ ଇ-ପତ୍ରିକା
ତୃତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା
Vol: 3, Issue: 2

# ଆହ୍ୱାନ

ଓଡିଆରେ ଟାଇପ୍ କରିବା ପାଇଁ ସଫ୍ଟୱେର୍ ପାଆନ୍ତୁ ନିଃଶୁଳ୍କ ଆମ ୱେବ୍‌ସାଇଟ୍‌ରୁ ।
http://www.aahwaan.com/odia.zip

କୋଣାର୍କ ଅଧିସୁଚିତ କ୍ଷେତ୍ର ପରିଷଦ, କୋଣାର୍କ

## ଯୌବନ କ'ଣ?

ପଢିଥିଲି, ଦେଖିଥିଲି ମଧ୍ୟ
ଗୋପଗୋପୀ ଗହଣରେ କୃଷ୍ଣଙ୍କର କେଳି
ନିଦୁଆ ଆଖିରେ ଗାଁ ଦାଣ୍ଡରେ ବସି
ଦେଖିଥିଲି ସୁଭଦ୍ରା ପରିଣୟ
ମନେ ମନେ ଭାବିଥିଲି ମଧ୍ୟ
ଯୌବନଟା ହୋଇଥିବ ମଧୁମୟ
ଗାଁ ଗଲା,
ଗଲା ରାଧାପ୍ରେମଲୀଳାର ସେ ନାଟ
ଦିନରାତି ବହି ଧରି
ପଢୁଥିଲି ପାଠ
ପାଠବହି ବନ୍ଧା ବସ୍ତାନି ଧରି
କାନ୍ଧ ଅଣ୍ଟା ଅସମ୍ଭାଳ କଷ୍ଟ
ଜାଣେନି କେବେ ସରିଲା
କେବେ ହେଲା ଚାକିରୀ ଆରମ୍ଭ
ଏବେ ମୁଣ୍ଡରେ ଦିଶୁଛି
ସ୍ଥାନେ ସ୍ଥାନେ ଗୋଟେ ଅଧେ
ଧଳା ଧଳା ବାଳ
କାହା ଉପରେ
ନହେଲେ ଭାଙ୍ଗିରୁଜି ଦେବ ନିଜକୁ
ଭିତରେ ଭିତରେ
ଯୌବନ
ଦିହସୁହା ହୋଇପାରେନା ଯେହେତୁ ।
ଯୌବନର ଲହ ଲହ ନିଆଁ
ଦାଉ ଦାଉ ଜଳାଏ
ଦେହକୁ ମନକୁ
ନିଆଁ ଧାସ
ସିଝାଏ ପାଖ ପଡିଶାଙ୍କୁ
ଏ ନିଆଁ ଜଳୁଥାଏ
ନିଆରାପଣରେ
ଯାହା କେବେ
ଲିଭେନି ପାଣିପବନରେ
ଏ ନିଆଁତ
ଲୋଡିହୁଏ ଆଉ ଏକ ନିଆଁ
ଦୁଇ ନିଆଁ ମନଭରି
ଜଳାଇବେ ପରସ୍ପରେ
ଜଳିପୋଡି ନିର୍ବାପିତ ହେବେ
ଅଙ୍ଗାରପଣରେ ।

If you are willing to make
a web site on your own district
in Orissa, we have a great offer
for you. We provide free space
domain and technology for this
http://www.aahwaan.com

ଆମର ନୂଆ ଠିକଣା
www.aahwaan.com

ମାର୍ଚ୍ଚ-ଅପ୍ରେଲ୍, ୨୦୦୮ ସଂସ୍କରଣ

ସଂପୂର୍ଣ୍ଣ ପାରିବାରିକ, ଓଡ଼ିଆ ଇ-ପତ୍ରିକା

ତୃତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା

Vol: 3, Issue: 2

# ଆହ୍ୱାନ

**Our New e-Mail ID:**
**aahwaan@aahwaan.com**

ସୁନ୍ଦର ଦିଶୁଥିବା ଯେତେ ସବୁ ଝିଅ
ଆଜିକାଲି କହୁଛନ୍ତି
ଅଙ୍କଲ ନମସ୍ତେ
ମନେ ମନେ ଭାବୁଚି ମୁଁ
ଯୌବନରେ କଣ ସତରେ କିଛି ହୁଏ
ନା' ମୋ ଭଳି ଯୌବନଟା
ବିତିଯାଏ ବହି ଖାତା କଲମ ଭିତରେ
ମିଛରେ ନାଟ ସିନେମା ଦେଖନ୍ତି ସମସ୍ତେ ।

## ନବୋଦିତା

ଓଡ଼ିଶାର ପ୍ରଥମ ସଂପୁର୍ଣ୍ଣ ମହିଳା ମାନଙ୍କ ନିମନ୍ତେ ପ୍ରକାଶିତ ଅନ୍‌ଲାଇନ୍ ୱେବ୍‌ସାଇଟ୍ । ଆହ୍ୱାନ ଇନ୍‌ଫୋଟେକ୍ ସହାୟତାରେ ପ୍ରକାଶିତ ଏହି ନୁତନ ୱେବ୍‌ସାଇଟ୍ ସଂପ୍ରତି ଅନେକ ମହିଳା ଓ କନ୍ୟାମାନଙ୍କୁ ଆକୃଷ୍ଟ କରିବାରେ ସକ୍ଷମ ହୋଇଛି । ଶିକ୍ଷା, ସ୍ୱାସ୍ଥ୍ୟ, ସୌନ୍ଦର୍ଯ୍ୟ, ପରିବାର, ଚଳଣୀ, ବ୍ୟକ୍ତିଗତ ସମସ୍ୟାର ସମାଧାନ ଆଦି ଅନେକ ବିଭାଗକୁ ନେଇ ପ୍ରତ୍ୟେକ ସପ୍ତାହରେ ନୂଆ ନୂଆ ବିଷୟ ସହ ପ୍ରକାଶିତ ହେଉଛି, ଏହି ନୂତନ ୱେବ୍‌ସାଇଟ୍ ନବୋଦିତା ।

ସଂପୂର୍ଣ୍ଣ ଓଡ଼ିଆ ଘରର ଚାଲିଚଳନ ଓ ପରଂପରାର ଉତ୍କୃଷ୍ଟ ନିଦର୍ଶନ ହେଉଛି ନବୋଦିତା । ଓଡ଼ିଶା ବାହାରେ ରହୁଥିବା ଅସଂଖ୍ୟ ଓଡ଼ିଆ ମହିଳା ମାନଙ୍କୁ ଓଡ଼ିଆ କ୍ୟାଲେଣ୍ଡରରେ ହେଉଥିବା ବିଭିନ୍ନ ପର୍ବପର୍ବାଣୀ ବିଷୟରେ ଅବଗତ କରାଇବା ସହିତ ବ୍ରତ ଓ ଅନ୍ୟାନ୍ୟ ସମସ୍ତ ପର୍ବପର୍ବାଣୀର ପୁସ୍ତିକା ସବୁ ଇ-ପତ୍ରିକା ଆକାରରେ ଯୋଗାଇ ଦିଆଯିବ । ଆଜି ହିଁ ଆସନ୍ତୁ ଏବଂ ଦେଖନ୍ତୁ 'ନବୋଦିତା' ।

## ବିଶେଷ ସୂଚନା

ଆମର ୱେବ୍‌ସାଇଟ୍‌ରେ ଆପଣ ବର୍ତ୍ତମାନ ଅନେକ ବିଶେଷ ବିଭାଗ ଦେଖିବାକୁ ପାଇବେ । ତେଣୁ ଆପଣ ଆମ ୱେବ୍‌ସାଇଟ୍‌କୁ ବାରମ୍ବାର ଆସନ୍ତୁ ଏବଂ ପ୍ରତ୍ୟେକ ଥର କିଛି ନୂଆ ଦେଖିବାକୁ ପାଆନ୍ତୁ । ଆପଣ ଆମ ୱେବ୍‌ସାଇଟ୍ ତଥା ଆହ୍ୱାନର ଏହି ସଂସ୍କରଣ ବିଷୟରେ ନିଜସ୍ୱ ମତାମତ ଇ-ମେଲ୍ ମାଧ୍ୟମରେ ପ୍ରେରଣ କରନ୍ତୁ ।

ଡ ଜ୍ୟୋତି ପ୍ରସାଦ ପଟ୍ଟନାୟକ
ସଂପାଦକ
ବୀମା ନଗର, ଆମ୍ବପୁଆ ମୁଖ୍ୟ ରାସ୍ତା
ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା
ଫୋନ୍: ୦୬୮୦-୩୨୯୬୫୩୨
ମୋବାଇଲ: ୦୯୯୩୮୫୧୭୫୦୫
୦୯୮୬୧୯୬୨୧୬୦

Aahwaan Web Design Studios. Make Your Web site with us, the way you want in the language you want, because we are the masters of web development. Mail us today.

ଆମର ନୂଆ ଠିକଣା

www.aahwaan.com

ମାର୍ଚ୍ଚ-ଅପ୍ରେଲ୍, ୨୦୦୮ ସଂସ୍କରଣ

ସଂପୂର୍ଣ୍ଣ ପାରିବାରିକ, ଓଡିଆ ଇ-ପତ୍ରିକା

ତୃତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା

Vol: 3, Issue: 2

# ଆହ୍ୱାନ

aahwaan.com

aahwaan

Infotech

## ଆମର ନୂଆ ଠିକଣା

www.aahwaan.com